# ଟିକଟ କସରତ
# ବିଜେଡି ପରେ ଗୋଟିଏ ଦିନରେ ବିଜେପି ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା

**ବଲାଙ୍ଗିର, ୨।୪(ସମିସ)**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳମାନେ ନିଜନିଜ ପ୍ରାର୍ଥୀ ତାଲିକା ପ୍ରକାଶ କରୁଛନ୍ତି। ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ଅନୁରୂପ ଭାବେ ରାଜନୈତିକ ପାଣିପାଗ ମଧ୍ୟ ସରଗରମ ହେବାରେ ଲାଗିଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଥିବା ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ପ୍ରାୟତଃ ସ୍ପଷ୍ଟ ହୋଇସାରିଛି। ସେହିଭଳି ଲୋକସଭା ଆସନରେ ମଧ୍ୟ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଟିକେଟ ଘୋଷଣା ହେବା ପରେ ପ୍ରାର୍ଥୀମାନଙ୍କ ସମର୍ଥକମାନେ ନିଜ ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି। ପୂର୍ବରୁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ମଙ୍ଗଳବାର ଉଭୟ କଂଗ୍ରେସ ଓ ବିଜେପି ମଧ୍ୟ ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣା କରିଛନ୍ତି। ଏଥିରେ ବିଜେପି ସମସ୍ତ ପାଞ୍ଚ ଆସନରେ ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ଟିଟିଲାଗଡ଼ ବ୍ୟତୀତ ଅନ୍ୟ ଚାରୋଟି ଆସନରେ ନିଜ ପ୍ରାର୍ଥୀ ଘୋଷଣା କରିଛି।

ରାଜ୍ୟ ରାଜନୀତିରେ ବଲାଙ୍ଗିର ଜିଲ୍ଲାର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତିଟି ନିର୍ବାଚନରେ ଏହି ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳମାନଙ୍କରେ କଡ଼ା ଟକ୍କର ଦେଖିବାକୁ ମିଳିଥାଏ। ଗତ ୨୦୧୯ ନିର୍ବାଚନରେ ଜିଲ୍ଲାରେ ଥିବା ପାଞ୍ଚୋଟି ଆସନରୁ ବିଜେଡି ଦୁଇଟି, କଂଗ୍ରେସ ଦୁଇଟି ଓ ବିଜେପି ଗୋଟିଏରେ ବିଜୟୀ ହୋଇଥିଲା। କେଉଁଠି ନବାଗତା ଭେଟେରାନକୁ ପରାସ୍ତ କରିଥିଲେ ତ କିଏ ମାତ୍ର କିଛି ସଂଖ୍ୟାର ଭୋଟରେ ହାରିଥିଲେ। ତେବେ ୨୦୨୪ ନିର୍ବାଚନ ୨୦୧୯ ନିର୍ବାଚନ ଅପେକ୍ଷା ଆହୁରି ରୋଚକ ହେବ ବୋଲି ଆଲୋଚନା ହେଉଛି। ଏହି କିଛି ବର୍ଷ ଭିତରେ ବିଜେଡି ସଂଗଠନ ମଜବୁତ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ କ୍ଷତିଗ୍ରସ୍ତ ହୋଇଛନ୍ତି। ଯାହାର ପ୍ରତିଫଳନ ପଞ୍ଚାୟତ ଓ ପୌର ନିର୍ବାଚନରେ ଦେଖିବାକୁ ମିଳିଥିଲା। ତେବେ ନିର୍ବାଚନ ପୂର୍ବରୁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ଟିକେଟକୁ ନେଇ କସରତ ଲାଗିରହିଥିଲା। ଯାହାକି ମଙ୍ଗଳବସର ସୁଦ୍ଧା ପ୍ରାୟତଃ ସ୍ପଷ୍ଟ ହୋଇସାରିଛି। ସୂଚନା ଅନୁସାରେ ପୂର୍ବରୁ ବିଜେଡି ବଲାଙ୍ଗିର ସଦରରେ କଳିକେଶ ନାରାୟଣ ସିଂହଦେଓ, ପାଟଣାଗଡ଼ରେ ସରୋଜ ମେହେର, ଲୋଇସିଂହାରେ ନିହାର ରଞ୍ଜନ ବେହେରା ଓ ଟିଟିଲାଗଡ଼ରେ ଟୁକୁନୀ ସାହୁଙ୍କୁ ପ୍ରାର୍ଥୀ କରିଥିବା ଘୋଷଣା କରିଛି। ଏହିକ୍ରମରେ ମଙ୍ଗଳବାର ପ୍ରକାଶ ପାଇଥିବା ବିଜେପି ତାଲିକାରେ ଦଳ ବଲାଙ୍ଗିର ସଦର ଆସନରେ ଗୋପାଳଜୀ ପାଣିଗ୍ରାହୀ, ପାଟଣାଗଡ଼ରେ କନକ ବର୍ଦ୍ଧନ ସିଂହଦେଓ, ଲୋଇସିଂହାରେ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜିରେ ଲକ୍ଷ୍ମଣ ବାଗ ଓ ଟିଟିଲାଗଡ଼ରେ ନବୀନ ଜୈନଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ବଲାଙ୍ଗିର ସଦର ଆସନରେ ସମରେନ୍ଦ୍ର ମିଶ୍ର, ପାଟଣାଗଡ଼ରେ ଅନିଲ ମେହେର, ଲୋଇସିଂହାରେ ଓମପ୍ରକାଶ କୁମ୍ଭାର, କଣ୍ଟାବାଞ୍ଜିରେ ସନ୍ତୋଷ ସିଂ ସାଲୁଜାଙ୍କୁ ପ୍ରାର୍ଥୀ କରିଛି। ବିଜେଡି କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ଏଯାଏଁ ପ୍ରାର୍ଥୀ ଘୋଷଣା କରିନଥିବା ବେଳେ କଂଗ୍ରେସ ଟିଟିଲାଗଡ଼ ଆସନରେ ପ୍ରାର୍ଥୀ ଘୋଷଣା କରିନାହିଁ। ତିନି ଦଳର ପ୍ରାର୍ଥୀ ଘୋଷଣା ହେବା ପରେ ବଲାଙ୍ଗିର ରାଜନୈତିକ ପାଣିପାଗ ସରଗରମ ହୋଇଛି। ଟିକେଟ ପାଇବା ପୂର୍ବରୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ପ୍ରଚାର ଅଭିଯାନ ପରୋକ୍ଷରେ ଆରମ୍ଭ କରିଥିଲେ। ଏବେ ଏହି ଅଭିଯାନକୁ ଆହୁରି ଜୋରଦାର କରିବା ସହ ଏଣିକି ସିଧାସଳଖ ପ୍ରଚାର ଅଭିଯାନ ଆରମ୍ଭ ହେବ।

ଅପରପକ୍ଷେ ଲୋକସଭା ଆସନରେ ମଧ୍ୟ ବିଜେପି ପୂର୍ବରୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମଙ୍ଗଳବାର କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେପି ପୁଣି ଥରେ ସଙ୍ଗିତା କୁମାରୀ ସିଂହଦେଓଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ଭାବେ ଅଭିନେତା ମନୋଜ ମିଶ୍ରଙ୍କ ନାମ ଘୋଷଣା କରିଛି। ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ବିଜେଡିରେ ଯୋଗଦେବା ପରେ ସେ ଲୋକସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଆଲୋଚନା ହେଉଛି।

**ଚାରି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ପ୍ରାର୍ଥୀ ଘୋଷଣା**

**ବିଜେପି ସମସ୍ତ ପାଞ୍ଚ ନିର୍ବାଚନମଣ୍ଡଳୀ ପାଇଁ ଘୋଷଣା କଲା ପ୍ରାର୍ଥୀ**

# ବାଇକ୍ ଓ ଗଞ୍ଜେଇ ଜବତ, ଚାଲାଣକାରୀ ଫେରାର



**ତୁଷୁରା, ୨।୪(ସମିସ):** ତୁଷୁରା ଅବକାରୀ ବିଭାଗ ତରଫରୁ ୧୯ କେଜି ୫୦୦ ଗ୍ରାମ ଗଞ୍ଜେଇ ସହିତ ଏକ ନମ୍ବର ବିହୀନ ବାଇକ ଜବତ କରାଯାଇଛି। ସୂଚନାନୁଯାୟୀ, ମଙ୍ଗଳବାର ତୁଷୁରା ଥାନା ଅନ୍ତର୍ଗତ ନୂଆଁପଡ଼ା ରାସ୍ତାରେ ଜଣେ ଯୁବକ ଗଞ୍ଜେଇ ଧରି ବାଇକରେ ଯାଉଥିବା ସମୟରେ ତୁଷୁରା ଅବକାରୀ ବିଭାଗ ଚଢ଼ଉ କରିଥିଲା। ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ଗଞ୍ଜେଇ ଚୋରାଚାଲାଣ କରୁଥିବା ବ୍ୟକ୍ତି ଜଣକ ବାଇକ ଓ ଗଞ୍ଜେଇ ଛାଡ଼ି ଫେରାର ମାରିଥିଲା। ବାଇକ୍ ଓ ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ପକ୍ଷରୁ ସେହି ବ୍ୟକ୍ତିଙ୍କୁ ଖୋଜିବା ପାଇଁ ବଲାଙ୍ଗିର ଆରଟିଓ ଅଫିସର ସାହାରା ନେଇଥିବାବେଳେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ଅବକାରୀ ବିଭାଗ ଓଆଇସି ଶ୍ରୀକାନ୍ତ ଜେନା ସୂଚନା ଦେଇଛନ୍ତି।

# ବନ୍ଦ କୋଠରିରୁ ବୃଦ୍ଧଙ୍କ ଶବ ଉଦ୍ଧାର

**ଖପ୍ରାଖୋଲ, ୨।୪(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡ଼ା ଗ୍ରାମର ଛତ୍ରପାଳ ମଲ୍ଲିକ (୬୮)ଙ୍କ ଗଳିତ ମୃତଦେହ ବନ୍ଦ କୋଠରୀରୁ ପୁଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଥିବା ଜଣାପଡ଼ିଛି। ସୂଚନାଅନୁଯାୟୀ, ଛତ୍ରପାଳ ପୁଅ କେଶନ ମଲ୍ଲିକଙ୍କ ଘରେ ରହିବା ବଦଳରେ ବର୍ଷେ ହେବ ଗୋଟିଏ ଘରେ ଏକା ରହି ଆସୁଥିଲେ। କିଛିଦିନ ତଳେ ଛତ୍ରପାଳ ଓ ଗ୍ରାମର କିଛି ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ସେ ଗ୍ରାମରୁ ୩ ଦିନ ହେବ ନିଖୋଜ ହେବାସହ ସେ ରହୁଥିବା ଘର ବାହାରୁ ତାଲା ପଡ଼ିଥିଲା। ଘର ଭିତରୁ ଶବ ପଚିଥିବା ଭଳି ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ତାଙ୍କ ପୁଅ କେଶନ ଓ ଖପ୍ରାଖୋଲ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ପୁଲିସ ପହଞ୍ଚି କେଶନଙ୍କ ଉପସ୍ଥିତିରେ ତାଲା ଭାଙ୍ଗି ଛତ୍ରପାଳଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ତାଙ୍କ ମୁଣ୍ଡପଟୁ ରକ୍ତସ୍ରାବ ଦେଖି ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରି ଖପ୍ରାଖୋଲ ପୁଲିସ ଦୁଇଜଣକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ଏକ ହତ୍ୟା ମାମଲା ରୁଜୁ କରି ଶବର ପଞ୍ଚାନାମା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

# ନିମ୍ନମାନର ପିଚୁରାସ୍ତା କାମ ନେଇ ଜନଅସନ୍ତୋଷ



ପାଟଣାଗଡ଼, ୨।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ଛକଠାରୁ ତମିଆଁ ରାସ୍ତା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ପିଚୁ କାମ ହେଉଛି। ରାସ୍ତା କାମ ନିମ୍ନମାନର ହେଉଥିବାବେଳେ ଚିପ୍ସରେ କମ ପରିମାଣରେ ପିଚୁ ଦିଆଯାଉଛି। ଏହାକୁ ପକାଇବାର କିଛି ଘଣ୍ଟା ପରେ ସବୁ ପିଚୁ ଉଠିଯାଉଥିବା ଏବଂ ରାସ୍ତାର ବିଭିନ୍ନ ଅଂଶରେ ପିଚୁ ମଧ୍ୟ ଠିକ ଭାବେ ପଡ଼ି ନଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଉପରେ ଅଞ୍ଚଳର ୧୦୦ ଖଣ୍ଡ ଗ୍ରାମର ଲୋକେ ଯାତାୟାତ କରୁଥିବାବେଳେ ନିମ୍ନମାନର ରାସ୍ତା କାମ ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ ଏହି ରାସ୍ତା ଖରାପ ହୋଇଥିବା କାରଣରୁ ଅନେକ ଦୁର୍ଘଟଣା ଘଟୁଥିଲା। ହେଲେ ଏବେ ନୂତନ ରକ୍ଷଣାବେକ୍ଷଣ କାମ ଯଦି ନିମ୍ନମାନର ହେବ ତାହେଲେ ଲୋକେ ପୁଣି ସେହି ସମସ୍ୟା ଭୋଗିବେ। ବିଭାଗୀୟ ଏସଡିଓଙ୍କ ଫୋନ ପ୍ରାୟତଃ ସ୍ୱିଚ୍‌ଅଫ୍ ରହୁଥିବାରୁ ଲୋକେ ତାଙ୍କ ସମସ୍ୟା ଜଣାଇପାରୁ ନଥିବା ବେଳେ ଏ ବିଷୟରେ ବିଭାଗୀୟ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବର୍ଷାରାଣୀ ପଗଡ଼ାଙ୍କୁ ଅବଗତ କରିବାରୁ ସେ ଉକ୍ତ କାମକୁ ତଦାରଖ ପାଇଁ ଯିବେ ବୋଲି କହିଛନ୍ତି। କାମ ଯଦି ନିମ୍ନମାନର ହେଉଥିବ ପଦକ୍ଷେପ ନିଆଯିବ ବୋଲି ସେ ଜଣାଇଛନ୍ତି। ଏବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ ଟିଟିଲାଗଡ଼



**ମୁରିବାହାଲ, ୨।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆରେ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସରେ ବଙ୍ଗୋମୁଣ୍ଡାଙ୍କୁ ହରାଇ ଟିଟିଲାଗଡ଼ ବିଜୟୀ ହୋଇ ଫାଇନାଲ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଟିଟିଲାଗଡ଼ ଓ ବଙ୍ଗୋମୁଣ୍ଡା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳରେ ଟିଟିଲାଗଡ଼ ଦଳ ନିର୍ଦ୍ଧାରିତ ସମୟରେରେ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳିବା ଯୋଗ୍ୟ ବିବେଚିତ ହୋଇଛି। ତୃତୀୟ ଦିବରେ ମୁରିବାହାଲ ବ୍ଲକ ଓକିଲ ସଂଘର ସଭାପତି ଜୟଦେବ ପୁରୋହିତ, ମୁଖ୍ୟ ଅତିଥି ଲମ୍ବୋଦର ହଂସ, ସେମନ୍ତ ବାଗ ପ୍ରମୁଖ ଉପସ୍ଥିତ ରହି ଉଭୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବସ୍ତ ବେହେରା, ଗଣେଶ ଭୋଇ, ଯୁବରାଜ ଭୋଇ ଓ ସାନ ଭୋଇ ପ୍ରମୁଖ ପରିଚାଳନା କରି ଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ଅଭିଳାଷ ବଘାର, ଉପ ସଭାପତି ଯୁବରାଜ ଭୋଇ, ସମ୍ପାଦକ ମନୋଜ ଭୋଇ, ସହ ସମ୍ପାଦକ ଦୁର୍ବାଦଳ ଭୋଇ, କୋଷାଧ୍ୟକ୍ଷ ଖଗେଶ୍ୱର ଭୋଇ, କେଦାର ବଡ଼ଜେନା, ସେମନ୍ତ ବାଗ, ଶମ୍ଭୁ ପ୍ରସାଦ ଭୋଇ, ସୁଦାମ ବଘାର, ପିଙ୍କୁ ଭୋଇ ନେତୃତ୍ୱରେ ଆଦିବାସୀ ଯୁବକ ସଂଘର ସଦସ୍ୟ ଅନିଲ ଭୋଇ, ଓଁକାର ଭୋଇ, ଚୂଡ଼ାମଣି ଭୋଇ, ଚତୁର ମାଝୀ, ଗୋବିନ୍ଦ ଭୋଇ, ରିଙ୍କୁ ଭୋଇ, କ୍ରିଷ୍ଣା ଭୋଇ, ସୁଧାଂଶୁ ଭୋଇ, ପ୍ରବୀଣ ଭୋଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଧାରାବିବରଣୀ ସୁଧାମ ଚରଣ ବଘାର ପଠନ କରିଥିଲେ। ବୁଧବାର ଦ୍ୱିତୀୟ ଗ୍ରୁପ ଜରାସିଂଙ୍ଗା ସହିତ ଖାଲିଆଖମାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

# ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୨।୪(ସମିସ): ସ୍ଥାନୀୟ ସୁଦପଡ଼ା ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା। ସନ୍ଥଶ୍ରୀ ଚିନ୍ମୟ ଦାସ ମହାରାଜଙ୍କ ଆଦେଶରେ କରାଯାଇଥିବା ଏହି ବୈଠକରେ ବରୁଣ କୁମାର ହେର୍ଣ୍ଣା ସଭାପତିତ୍ୱ କରିଥିଲେ। ଏପ୍ରିଲ ୧୩ ଓ ୧୪ ତାରିଖ ଦିନ ହନୁମାନ ଜୟନ୍ତୀ ଓ ଶ୍ରୀରାମ ନବମୀ ପାଳନ କରିବାକୁ ନିଷ୍ପତ୍ତି ପ୍ରକାଶ ପାଇଛି। ହନୁମାନ ଜୟନ୍ତୀ ଅବସରରେ ଭକ୍ତମାନଙ୍କ ପାଇଁ ପଣାଭୋଗ ଓ ପ୍ରସାଦସେବନ ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ପ୍ରକାଶ ପାଇଥିଲା। ଏହା ସହିତ ନାମ ସଂକୀର୍ତ୍ତନ କରିବାକୁ ମଧ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି।

# କ୍ରିଷ୍ଣା ଲର୍ଣ୍ଣିଂ ସ୍କୁଲରେ ଉତ୍କଳ ଦିବସ ପାଳିତ



**ବଙ୍ଗୋମୁଣ୍ଡା, ୨।୪(ସମିସ):** ବଙ୍ଗୋମୁଣ୍ଡା କ୍ରିଷ୍ଣା ଲର୍ଣ୍ଣିଂ ସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭୈରବ ଛୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ପରିଚାଳକ ରାଜେଶ ଜୈନ ଯୋଗଦେଇଥିଲେ। ଉତ୍କଳ ଦିବସ ପାଳନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଶ୍ରୀ ଜୈନ ଉଦବୋଧନ ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



√ଶାନ୍ତିଲତା ମହାପାତ୍ର
ଆବିର୍ଭାବ : ୨୦/୦୧/୧୯୪୦
ତିରୋଧାନ : ୧୫/୦୩/୨୦୨୩
ସିମୋର, ବେଗୁନିଆ, ଖୋର୍ଦ୍ଧା

ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ। ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା।

ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ ବଲ୍ଲଭ, ସୁଲଭ, ଅକ୍ଷୟ, ଅଜୟ, ସନ୍ତୋଷ, ବାବୁଲି, ସଞ୍ଜୁ, ସୁଚି,ଚିନୁ,ଡଲି, ଲକି, ଜିନା, ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

# କଣ୍ଟାବାଞ୍ଜି ସହରରେ ବିଜେଡିର ଜନସମ୍ପର୍କ ଯାତ୍ରା

**କଣ୍ଟାବାଞ୍ଜି, ୨।୪(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ ନଂ ୫, ୬ ଓ ୭ରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଜନସମ୍ପର୍କ ଯାତ୍ର ଅନୁଷ୍ଠିତ ହୋଇଯାଇଛି। ପତ୍ୟେକ ଘରକୁ ଘର ଯାଇ ରାଜ୍ୟ ସରକାରଙ୍କ ଜନ୍ମରୁ ମୃତ ପର୍ଯ୍ୟନ୍ତ ବହୁମୁଖୀ ଯୋଜନା ଉପରେ ସଚେତନ କରିବା ସହ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ଲୋକସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀଙ୍କୁ ବହୁ ସଂଖ୍ୟରେ ଭୋଟଦେଇ ବିଜୟ କରିବାକୁ ଅନୁରୋଧ କରିଥଲେ। ପରେ ବିଭିନ୍ନ ପଡ଼ାବାସୀଙ୍କ ସମସ୍ୟା ବୁଝି ଆଗାମୀ ଦିନଦିନରେ ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ବଲାଙ୍ଗୀର ଜିଲ୍ଲା ଉପସଭାପତି ଉମାକାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ନଗର ସଭାପତି ଦେବାର ବାରିକ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝି, ଦୈତାରୀ ଭୋଇ, ଯୁବ ନେତା ଲମ୍ବୋଦର ମାହାନନ୍ଦ, ବିଟୁ ଶାଘଂ, ବିଷ୍ଣୁ ଯୁଏଡ଼ ସହ ଶହଶହ ମହିଳା ଓ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



**ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶନରେ ଅବହେଳା ଓ ବିଳମ୍ବ**

# ଛାତ୍ରଙ୍କୁ ୫ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପରୀକ୍ଷା ଫଳ ପ୍ରକାଶନ ବିଳମ୍ବ ପାଇଁ ଜଣେ ଛାତ୍ରଙ୍କ ୧୦ବର୍ଷ କ୍ୟାରିଅର ନଷ୍ଟ ହୋଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୩ମାସ ମଧ୍ୟରେ ସମ୍ପୃକ୍ତ ଆବେଦନକାରୀ ଛାତ୍ରଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭୁତି ଭୂଷଣ ବାରିକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷାଫଳ ପ୍ରକାଶନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉତ୍ତରଦାୟିତ୍ୱ ରହିଛି। ଏଥିରେ ଅବହେଳା ତଥା ତ୍ରୁଟି ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ପ୍ରଭାବିତ କରିବ। ଏହି କ୍ଷତିର ଭରଣା କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଘରୋଇ ପ୍ରାର୍ଥୀ ଭାବେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମ ପାଇଁ ବରଗଡ଼ର ଏକ କଲେଜରେ ଥିବା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଦୁଇ ଦୁଇ ଥର ପରୀକ୍ଷା ଦେଇ ମଧ୍ୟ କେତେକ ପେପରରେ ଅନୁପସ୍ଥିତ ଥିବା ଫଳରେ ଉଲ୍ଲେଖ କରାଯାଇ ତାଙ୍କୁ ଫେଲ କରାଯାଇଥିଲା। ୨୦୦୧ରୁ ୨୦୧୧ ମଧ୍ୟରେ ପ୍ରାୟ ଦଶ ବର୍ଷ ଧରି ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ୨୦୧୨ରେ ସେ ଯୁକ୍ତ ତିନି ବାଣିଜ୍ୟ ପାଠ୍ୟକ୍ରମରେ ପାସ୍ କରିଥିବା ନେଇ ବିଶ୍ୱବିଦ୍ୟାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ପାଇଁ ତାଙ୍କ କ୍ୟାରିଅରର ମୂଲ୍ୟବାନ ସମୟ ଅପଚୟ ହୋଇଥିବାରୁ କ୍ଷତିପୂରଣ ପ୍ରାର୍ଥନା କରି ସେ ୨୦୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତନ୍ମୟ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ବିଜେଡିରୁ ଲଳିତା, ବିଜେପିରୁ ପ୍ରଦୀପ୍ତ ଓ କଂଗ୍ରେସରୁ ସାଗରଙ୍କ ଲଢେଇ

**ଭବାନୀପାଟଣା, ୨।୪(ସମିସ)**

**ଭବାନୀପାଟଣା**

କଳାହାଣ୍ଡି ଜିଲ୍ଲାରେ ଆସନ୍ତା ନିର୍ବାଚନ ପାଇଁ ବିଭିନ୍ନ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ଦଳୀୟ ଶିବିର ଗୁଡିକରେ ମାହୋଲ ଗରମ ହୋଇଯାଇଛି। ମଙ୍ଗଳବାର କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଓ ଲୋକସଭା ପ୍ରାର୍ଥୀଙ୍କ ନାଁ ଘୋଷଣା ସରିଛି। ଭବାନୀପାଟଣା- ସାଗର ଚରଣ ଦାସ, ଜୁନାଗଡ଼- ତୁଳେଶ୍ୱର ନାୟକ, ଧର୍ମଗଡ଼- ରଶ୍ମିରେଖା ରାଉତ, ଲାଞ୍ଜିଗଡ଼- ବଳଭଦ୍ର ମାଝୀ, ନର୍ଲା- ଭକ୍ତ ଚରଣ ଦାସ ଓ ଲୋକସଭା ପ୍ରାର୍ଥୀ ରୂପେ ଥୁଆମୂଳ ରାମପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଦ୍ରୌପଦୀ ମାଝୀଙ୍କ ନାମ ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସେହିପରି ବିଜେପି ଦଳୀୟ ପ୍ରାର୍ଥୀ ଭାବେ ଭବାନୀପାଟଣା - ପ୍ରଦୀପ୍ତ ନାଏକ, ଜୁନାଗଡ଼- ମନୋଜ ମେହେର, ଧର୍ମଗଡ଼- ସୁଧୀର ପଟ୍ଟଯୋଶୀ, ନର୍ଲା- ଅନିରୁଦ୍ଧ ପ୍ରଧାନ ଓ ଲାଞ୍ଜିଗଡ଼- ରମେଶ ଚନ୍ଦ୍ର ମାଝୀଙ୍କ ନାଁ ଘୋଷଣା ପରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ବିଶେଷ କରି ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ପୁନର୍ବାର ପ୍ରଦୀପ୍ତ ନାଏକ ପ୍ରାର୍ଥୀ ହେବା ଦ୍ୱାରା କେତେକ ଆଶାୟୀ ସ୍ୱାଗତ କରି ପୂର୍ଣ୍ଣ ସମର୍ଥନର ହାତ ବଢ଼ାଇଥିବା ବେଳେ ଦଳରେ ଯୁବନେତା







ରୂପେ ନିଜ ପରିଚୟ ନିଜେ ସୃଷ୍ଟି କରିଥିବା ରୋହିତ ଦୁର୍ଗା ନିରାଶ ହୋଇଥିବା ପ୍ରକାଶ। କେବଳ ସେତିକି ନୁହେଁ ସେ ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବାକୁ ମନସ୍ଥିର କରିଥିବା ଜଣେଇଛନ୍ତି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ମୁଖ୍ୟତଃ ବିଜେଡି ପ୍ରାର୍ଥୀ ଲଳିତା ନାଏକ, ବିଜେପିର ପ୍ରଦୀପ୍ତ ନାଏକ ଏବଂ କଂଗ୍ରେସ ଦଳରୁ ସାଗର ଚରଣ ଦାସ ମଧ୍ୟରେ କଡା ମୁକାବିଲା ହେବ। ଶାରୀରିକ ଅସୁସ୍ଥତା କାରଣରୁ ଦୀର୍ଘ ସମୟ ଲୋକଙ୍କ ଠାରୁ ଦୂରେଇ ଯାଇଥିବା ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକ ନିର୍ବାଚନ ରଣାଙ୍ଗନରେ ଅଂଶଗ୍ରହଣ କରିବାକୁ ମନରେ ସାହସ ଜୁଟାଇଛନ୍ତି। ୨୦୨୧ ମସିହା ଏପ୍ରିଲ ମାସରୁ ଲଗାତାର ୨୭ ମାସ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପରେ ହରିୟାନାର ମେଦାନ୍ତ ହସ୍ପିଟାଲରେ ଜଣେ ଗୁରୁତର ରୋଗୀ ରୂପେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ବିତାଇବାକୁ ପଡ଼ିଥିଲା। ସେ ଯାହାହେଉ ସୁସ୍ଥ ଆଡକୁ ତାଙ୍କ ଶରୀର ଫେରିଲା। ଅନ୍ୟପକ୍ଷରେ ଭବାନୀପାଟଣା ନିର୍ବାଚନମଣ୍ଡଳୀର ସ୍ଥିତି ଖରାପ ଅବସ୍ଥାରେ ପହଞ୍ଚିଲା। କୌଣସି ଉନ୍ନୟନ କାର୍ଯ୍ୟ ଦେଖିବାକୁ ମିଳିଲା ନାହିଁ। ଲୋକ ପ୍ରତିନିଧି ଭାବେ ଅଞ୍ଚଳର ଲୋକ ନିଜ ସମସ୍ୟା ଜଣାଇବାର ସୁଯୋଗ ହରାଇଲେ। ପ୍ରଦୀପ୍ତ ନାଏକ ନିର୍ବାଚିତ ହୋଇ ମଧ୍ୟ କାହା ପାଖରେ ପହଞ୍ଚିବା ସମ୍ଭବ ହେଲାନାହିଁ। ଏଥର ପ୍ରଦୀପ୍ତ ବିଜେଡିର ପ୍ରଥମ ମହିଳା ପ୍ରାର୍ଥୀନୀ ଶ୍ରୀମତୀ ନାଏକଙ୍କୁ ସାମ୍ନା କରିବା ସଙ୍ଗେ ସଙ୍ଗେ କଂଗ୍ରେସ ପ୍ରାର୍ଥୀ ତଥା ଭକ୍ତ ଦାସଙ୍କ ପୁତ୍ର ସାଗରଙ୍କୁ ମଧ୍ୟ ଦ୍ୱିତୀୟ ଥର ପାଇଁ ମୁକାବିଲା କରିବାକୁ ପଡ଼ିବ। ପ୍ରାର୍ଥୀ ସାଗର ଯୁବକମାନଙ୍କ ପ୍ରତୀକ ରୂପେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଘାଇଲା କରିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ପ୍ରଦୀପ୍ତଙ୍କ ମନରେ ପ୍ରବଳ ଇଚ୍ଛାଶକ୍ତି ଥିଲେ ମଧ୍ୟ ବିଜେଡି ପ୍ରାର୍ଥୀନୀ ଲଳିତା ନାଏକଙ୍କୁ ନିର୍ବାଚନ ରଣାଙ୍ଗନରେ ଟକ୍କର ଦେବା ମହଙ୍ଗା ପଡ଼ିପାରେ। କାରଣ ରାଜ୍ୟ ସରକାର ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ଯେଉଁ ଦୃଷ୍ଟାନ୍ତମୂଳକ ଉନ୍ନୟନ କାର୍ଯ୍ୟମାନ କରିଛନ୍ତି ସେଥିରେ ଭୋଟରମାନେ ପ୍ରଭାବିତ ହେବା ନିଶ୍ଚିତ। ତେଣୁ କେଉଁ ପ୍ରସଙ୍ଗ ନେଇ ବିରୋଧୀ ନିର୍ବାଚନ ବୈତରଣୀ ପାର ହେବେ ତାହା ଦେଖିବାକୁ ବାକି ରହିଲା।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ

**ଭବାନୀପାଟଣା, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ତରଫରୁ ଭବାନୀପାଟଣା ରିଷଗାଁ ସ୍ଥିତ ଏସ୍ଏନ୍ କନଫରେନ୍ସ ହଲ ଠାରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଅଜିତ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନବୀନ ଓଡ଼ିଶାର ସାରଥୀ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂତନ ଓଡ଼ିଶା ଗଠନ ପାଇଁ ଯୁବପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଛାତ୍ର ସଂଯୋଜକ ରାଜ୍ୟ ଛାତ୍ର ବରିଷ୍ଠ ଉପ ସଭାପତି ଅପୂର୍ବା ଅପରୂପା, ବଲାଙ୍ଗିର ଜୋନ ସଭାପତି ଚିରାଗ ସିଂହଦେଓ, ରାଜ୍ୟ ଛାତ୍ର ଉପ ସଭାପତି ରଶ୍ମୀରେଖା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ



ଆସିଥିବା ଛାତ୍ର ଛାତ୍ରୀ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ନିଜ ନିଜର ମତାମତ ରଖିଥିଲେ। ଛାତ୍ର ଛାତ୍ରୀଙ୍କୁ ନୂଆ-ଓ ସ୍କଲାରସିପ ପ୍ରଦାନ କରିଥିବାରୁ ସମସ୍ତେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ପରୀକ୍ଷିତ ନାଏକ, ନିଳାମ୍ବର ସାହୁ, ସିନୁ ବେହେରା, ଦିଲେସ ଯାଦବ, ଜିତେନ୍ଦ୍ର ବେହେରା, ଲାଲ ବାହାଦୂର ନାଏକ, ଦେବେନ୍ଦ୍ର କୁମାର, ଶୈଳେଶ ବିଶି, ପ୍ରିତମ ପାଢ଼ୀ, ସୁଜାନ ନାଏକ, ସୁନିଲ ଭଇସାଲ, ଶୁଭେନ୍ଦୁ ସାହୁ, କାହ୍ନା ପାଢ଼ୀ, ଶ୍ରୀଚନ୍ଦନ ନାଏକ, ମୋସିମ ଅହମ୍ମଦ, ଅମ୍ବୁଜ ଧଙ୍ଗଡାମାଝୀ, ଭୋଳାଶଙ୍କର ନାଗ, ଗଣେଶ ବାଗ, ପ୍ରତ୍ୟୁଷା ସାହୁ, ମନିଷା ବାରିକ, ରୁନି ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଅଂଶୁଘାତରେ ବୃଦ୍ଧ ମୃତ

**ମ.ରାମପୁର, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ନୁନପୁର ଗ୍ରାମ ପଞ୍ଚାୟତ ଅଧୀନ ବଗବେଡା ଗ୍ରାମର ଜଣେ ବୃଦ୍ଧ



ଅଂଶୁଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଅଖିଳ ରାଉତ (୬୧) ସୋମବାର ମଧ୍ୟାହ୍ନରେ ମହୁଲ ଗୋଟାଇବାକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ମୃତ୍ୟୁ

**୪୫ ଡିଗ୍ରୀ ଛୁଇଁଲା ତାତି**

ହେଇଥିଲା। ଡାକ୍ତରୀ ରିପୋର୍ଟ ଅନୁସାରେ ଅଂଶୁଘାତ ଜନିତ ମୃତ୍ୟୁ ଦର୍ଶାଯାଇଥିବା ବେଳେ ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏଠାରେ ସୂଚନା ଥାଉ କି, ଗତ କିଛି ଦିନ ହେଲା ମ.ରାମପୁର ଅଞ୍ଚଳରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଛି ଏବଂ ଆଜି ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିବା ଜଣା ପଡ଼ିଛି।

# ଭବାନୀପାଟଣା ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସର

**ଭବାନୀପାଟଣା, ୨।୪(ସମିସ):** ଭବାନୀପାଟଣା ସହରର ସର୍ବପୁରାତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଜଣେ ସୁନାମଧନ୍ୟ ଶିକ୍ଷୟିତ୍ରୀ ଏବଂ ତାଙ୍କୁ ଯେକୌଣସି ଦାୟିତ୍ୱ ପ୍ରଦାନ କରାଗଲେ ତାହାକୁ ସେ ସୁନ୍ଦର ଭାବରେ ପରିଚାଳନା କରୁଥିଲେ। ସେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଭବାନୀପାଟଣା ସହରର ଏହି ସର୍ବପୁରାତନ ବାଳିକା ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଏହି ବିଦ୍ୟାଳୟର ପରିବେଶକୁ ଅତ୍ୟନ୍ତ ଚିତ୍ତାକର୍ଷକ କରି ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିପାରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।



ଆଦର୍ଶ ଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣକୁ ଚିରସ୍ମରଣୀୟ କରିବା ସକାଶେ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ପୂର୍ବତନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଶ୍ରୀମତୀ ପଣ୍ଡା ଜଣେ ଦକ୍ଷ ଆଦର୍ଶବାଦୀ ଛାତ୍ରଛାତ୍ରୀ ବତ୍ସଳ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ବାର୍ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶାନ୍ତନୁ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମ.ରାମପୁର ସଙ୍ଗୀତା ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀପାଟଣା ଜୟକୃଷ୍ଣ ମାଝୀ, ପୂର୍ବତନ ବାର୍ ଆସୋସିଏସନ୍ ସଭାପତି ଭବେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଗୋକୁଳ ପଟ୍ଟନାୟକ, ବିଜୟ ପାତ୍ର, ଶିକ୍ଷକ ନେତା ମନୋଜ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ତାଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦାୟକାଳୀନ ସଭାରେ ଅବସର ଗ୍ରହଣ କରିଥିବା ସୁନନ୍ଦା ପଣ୍ଡା ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଅବସର ନେବା ପରେ ସେ ନିଜ ପରିବାର ପ୍ରତି ଅଧିକ ସମୟ ଦେବେ ଏବଂ ସାହିତ୍ୟ ସାଧନାରେ ବ୍ରତୀ ରହିବେ। ଛାତ୍ରଛାତ୍ରୀ ମାନଙ୍କ ସହ ବିଭିନ୍ନ ସମୟରେ ସାମିଲ ହୋଇ ନିଜ ଅବସରକାଳୀନ ଜୀବନ ବିତାଇବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ କୁମାର ମୁଣ୍ଡ ସଂଯୋଜନା କରିଥିବା ବେଳେ ଶିକ୍ଷକ ବି. ଶ୍ରୀନିବାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ସହଯୋଗ କରିଥିଲେ।

# ପ୍ରଥମ ଥର ପାଇଁ ହିନ୍ଦୀ ଭାଷାରେ ପ୍ରସ୍ତୁତ ମା’ ତାରିଣୀଙ୍କ ଭଜନ

**ବିଜେପୁର, ୨।୪(ସମିସ):** ଘଟଗାଁ ବାସିନୀ ସଙ୍କଟ ହାରିଣୀ ମା’ ତାରିଣୀଙ୍କର ମହିମା କାହାକୁ ଅବା ଅଜଣା। ପୂର୍ବରୁ ଓଡ଼ିଶାର ଅନେକ ଖ୍ୟାତନାମା କଣ୍ଠଶିଳ୍ପୀ ଆମ ଓଡ଼ିଆ ଭାଷାରେ ମା’ଙ୍କ ଭଜନ ଗାଇ ସାରିଥିବାବେଳେ ଏ ପର୍ଯ୍ୟନ୍ତ କେବେ ହିନ୍ଦୀ ଭାଷାରେ କୌଣସି ଗୀତ ପ୍ରସ୍ତୁତ ହୋଇ ନଥିଲା। କିନ୍ତୁ ଆଜି ମା’ ତାରିଣୀଙ୍କ ଅପାର କରୁଣାରୁ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଗାୟିକା ଓଡ଼ିଆ ଝିଅ ଅଭିଲିପ୍ସା ପଣ୍ଡା ମା’ଙ୍କ ଗୀତ ହିନ୍ଦୀ ଭାଷାରେ ଗାନ କରି ବହୁ ପ୍ରଶଂସାର ପାତ୍ରୀ ହୋଇଛନ୍ତି। ଗୀତଟିକୁ ଓଡ଼ିଶାର ସୁନାମଧନ୍ୟ ଯୁବ ଗୀତିକାର ବିଜେପୁର ତାଳପଦରର ଜିତେନ୍ଦ୍ର ସେଠ ରଚନା କରିଥିବାବେଳେ ସଙ୍ଗୀତର ଭାର ତୁଲାଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଦୀପ୍ତିମାନ ଷଡ଼ଙ୍ଗୀ। ଗୀତଟି ସିମ୍ଫୋନି ଷ୍ଟୁଡିଓ କଟକଠାରେ ରେକର୍ଡିଂ ହୋଇଛି। ଗୀତର ପ୍ରଯୋଜକ ଅଶୋକ କୁମାର ପଣ୍ଡା କହିଛନ୍ତି, ମା’ଙ୍କ ମହିମା ଏଥର ଗୀତ ମାଧ୍ୟମରେ ସାରା ଭାରତ ବର୍ଷ ସହିତ ସାରା ଦୁନିଆ ଜାଣିବ। ମା’ ତାରିଣୀଙ୍କ ମହିମାର ପ୍ରଚାରପ୍ରସାର ପାଇଁ ଏଗୀତ ତିଆରି କରିବାର ମୁଖ୍ୟ ଆଭିମୁଖ୍ୟ ଅଟେ ବୋଲି କହିଛନ୍ତି। ଆଗାମୀ ଦିନରେ ରକ୍‌ଷ୍ଟାର ଅଭିଲିପ୍ସା ପଣ୍ଡାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଗୀତଟି ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି।



# ୨୯ତମ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡ କାମ୍ପୋରୀ ଉଦ୍‌ଯାପିତ



**ଭବାନୀପାଟଣା, ୨।୪(ସମିସ):** ୨୯ତମ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ କାମ୍ପୋରୀ ଉଦ୍‌ଯାପିତ ହୋଇଯାଇଛି। ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତିନି ଦିନ ଧରି ଚାଲିଥିବା ଏହି ସ୍କାଉଟ ଓ ଗାଇଡ କାମ୍ପୋରୀର ଶେଷ ଦିବସରେ ସକାଳ ୭ଟାରେ ପତାକା ଉତ୍ତୋଳନ କରାଯାଇ ଏକ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଏକ ଚିତ୍ତାକର୍ଷକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ସ୍କାଉଟ ଓ ଗାଇଡର ବରିଷ୍ଠ ଗାଇଡ୍ ମାଷ୍ଟର ପବିତ୍ର ମୋହନ ପାସା, ଟ୍ରେନିଂ କମିସନର୍ ଧିରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ। ଏହାପରେ ସ୍ୱଚ୍ଛଭାରତ ଯୋଜନାରେ ପରିବେଶ ସଫେଇ କରାଯାଇ ସ୍କାଉଟ ଓ ଗାଇଡ ପତାକାକୁ ଓହ୍ଲାଇ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଙ୍ଗଧର ଠାକୁର, ସ୍କାଉଟ ଓ ଗାଇଡ ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ସନାତନ ସାହୁ, ନାରାୟଣ ପ୍ରଧାନ ସମେତ ସ୍କାଉଟ ଓ ଗାଇଡ କାମ୍ପୋରୀରେ ଯୋଗଦେଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# କିସ୍ ଆବାସିକ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ



**ଭବାନୀପାଟଣା, ୨।୪ (ସମିସ):** କଳାହାଣ୍ଡିସ୍ଥିତ କିସ ଆବାସିକ ବିଦ୍ୟାଳୟଠାରେ ଉତ୍କଳ ଦିବସ ଉତ୍ସବ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ୧୯୩୬ ମସିହା ଏପ୍ରିଲ ୧ ଠାରୁ ଆଜି ପର୍ଯ୍ୟନ୍ତ ଉତ୍କଳ ବୀର ଗାଥାକୁ ବକ୍ତବ୍ୟରେ ବଖାଣିଥିଲେ ମୁଖ୍ୟଅତିଥି ପ୍ରଭାସ ଚନ୍ଦ୍ର ମିଶ୍ର। ଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ସହିତ ଡ଼. ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳର ସୁପୁତ୍ର ରୂପେ ଦର୍ଶାଇଥିଲେ। କିସ ଅନୁଷ୍ଠାନର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ ଓ ପ୍ରଧାନଶିକ୍ଷୟିତ୍ରୀ ସୁନିତା ପଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ଓ ଅଣ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଉପସ୍ଥିତ ରହି ଏହି ଦିବସଟିକୁ ଆହୁରି ସରସ ସୁନ୍ଦର କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ‘ବନ୍ଦେ ଉତ୍କଳ ଜନନୀ’ ସଂଗୀତ ଗାନ କରାଯାଇଥିଲା। ଛାତ୍ରୀମାନେ ଗୀତ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷୟତ୍ରୀଙ୍କ ସ୍ୱାଗତ ଅଭିଭାଷଣ ଓ ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପଛପଟେ ଥିବା ପଡ଼ିଆକୁ ଖେଳପଡ଼ିଆରେ ପରିଣତ କରାଯାଇ ତାର ଶୁଭ ଉଦଘାଟନ ମଧ୍ୟ ମୁଖ୍ୟଅତିଥିଙ୍କ ଦ୍ୱାରା ସମାପାନ କରାଯାଇଥିଲା।

**ଧର୍ମଗଡ଼ ନିର୍ବାଚନମଣ୍ଡଳୀ**

# ତିନି ପ୍ରମୁଖ ଦଳ ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ଚଳଚଞ୍ଚଳ ରାଜନୀତି

**ଲଡୁଗାଁ, ୨।୪(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। କିଛିଦିନ ପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ପୁଷ୍ପେନ୍ଦ୍ର ସିଂଦେଓଙ୍କ ନାମ ଘୋଷଣା ହୋଇ ସାରିଥିବା ବେଳେ ମଙ୍ଗଳବାର ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ ଭାରତୀୟ ଜନତା ଦଳ ପକ୍ଷରୁ ସୁଧୀର ରଞ୍ଜନ ପାଟଯୋଶୀ ଓ କଂଗ୍ରେସ ଦଳ ପକ୍ଷରୁ ରଶ୍ମୀରେଖା ରାଉତଙ୍କ ନାମ ଘୋଷଣା କରାଯାଇଛି। ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଚଳଚଞ୍ଚଳ ହୋଇ ପଡ଼ିଛି ଦଳୀୟ ଶିବିର ଓ କର୍ମକର୍ତ୍ତା। ତେବେ ଯେଉଁମାନେ ଟିକେଟ ଦୌଡ଼ରେ ଆଶାୟୀ ରହି ଥିଲେ ସେମାନେ ନିରୁତ୍ସାହିତ ହୋଇଛନ୍ତି। ବିଜେଡି ପକ୍ଷରୁ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଟିକେଟ ମିଳିଥିବା ବେଳେ ସେ ବିଜେଡି ଦଳର ଜଣେ ବରିଷ୍ଠ ଓ କର୍ମଠ କର୍ମକର୍ତ୍ତା ରହି ବିଜେଡି ଦଳକୁ







କଳାହାଣ୍ଡିରେ ତୃଣମୂଳସ୍ତରରେ ସଙ୍ଗଠନ କରିବାରେ ଗୁରୁ ଦାୟିତ୍ୱ ବହନ କରିଛନ୍ତି। ପୂର୍ବରୁ ଧର୍ମଗଡ଼ ବିଧାୟକ ରହି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ରହି ଜିଲ୍ଲାରେ ବିଜେଡିର ସଙ୍ଗଠନକୁ ମଜବୁତ କରିଛନ୍ତି। ବିଜେପିରୁ ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ଟିକେଟ ମିଳିଥିବା ବେଳେ ସେ ଧର୍ମଗଡ଼ ବିଧାନସଭାମଣ୍ଡଳୀରେ ବିଜେପିର ଦଳୀୟ କାର୍ଯ୍ୟକ୍ରମ ଓ ଜନହିତକର ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଅନବରତ ଚେଷ୍ଟା କରିଛନ୍ତି ଓ ଯାହାରି ଫଳରେ ଦଳ ତାଙ୍କ ପ୍ରତି ଆସ୍ଥାଭାଜନ ପ୍ରକଟ କରି ଟିକେଟ ଦେଇଛି। ସେହିପରି ନିକଟରେ କଂଗ୍ରେସ ଦଳରେ ଯୋଗ ଦେଇଥିବା ଯାଦବ ସମାଜର ଜିଲ୍ଲା ସଭାନେତ୍ରୀ ରଶ୍ମିରେଖା ରାଉତଙ୍କୁ ଓବିସି କାର୍ଡ ଖେଳିବାକୁ କଂଗ୍ରେସ ପକ୍ଷରୁ ଟିକେଟ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ଯାଦବ ସମାଜର ପତିଆରା ରହିଛି। ଭୋଟ ରାଜନୀତିରେ ଯାଦବ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ଯାଦବଙ୍କ ଭୋଟକୁ ଚେକ ମେଟ କରିବାକୁ ମହିଳା କାର୍ଡ ଖେଳିଛି କଂଗ୍ରେସ ବୋଲି ଚର୍ଚ୍ଚା ହେଉଛି। ତେବେ ଏହାରି ଭିତରେ ବିଜେଡି, ବିଜେପି, କଂଗ୍ରେସ ପ୍ରାର୍ଥୀ ଙ୍କ ନାଁ ଘୋଷଣା ପରେ ଦଳୀୟ ଶିବିର ଚଳଚଞ୍ଚଳ ହୋଇ ପଡ଼ିଛି।

# ବାଂଲା ଅନୁପ୍ରବେଶକାରୀଙ୍କ ସ୍ଥାୟୀ ପ୍ରମାଣପତ୍ର ଓ ଆଧାର କାର୍ଡ ଯାଞ୍ଚ ଦାବି

କେସିଙ୍ଗା, ୨।୪(ସମିସ)



କେସିଙ୍ଗା ସହରର ୧୨ଟି ୱାର୍ଡକୁ ନେଇ ଗଠିତ। ବାଣିଜ୍ୟ ଦୃଷ୍ଟିରୁ କେସିଙ୍ଗା ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳ ଭାବେ ପରିଗଣିତ ହୋଇଥାଏ। ବର୍ତ୍ତମାନ ଏହି ସହର ଉପରେ ବାଂଲା ଅନୁପ୍ରବେଶକାରୀଙ୍କ ନଜର ପଡ଼ିଛି। ମୁଖ୍ୟତଃ ପଡୋଶୀ ପଶ୍ଚିମ ବଙ୍ଗରୁ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସହରର ବିଭିନ୍ନ ୱାର୍ଡରେ ଘର ଭଡ଼ା ନେଇ ସେମାନେ ନିଜ ନିଜର ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ଭୋରରୁ ପାଖାପାଖି ୨୦ରୁ ୩୦ ଜଣ ବାଂଲାଦେଶୀ ଫେରିବାଲା ବୁଲି ବୁଲି ବ୍ଲକର ସମସ୍ତ ଅଞ୍ଚଳକୁ ଯାଇ ନିଜର ବ୍ୟବସାୟ ବଢ଼ାଇବାରେ ଲାଗିଛନ୍ତି। ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ଏଥି ପ୍ରତି ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ପୁଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ସେମାନେ ପ୍ରକୃତରେ କେଉଁ ଜାଗାରୁ ଆସିଛନ୍ତି ସେନେଇ ସେମାନଙ୍କର ଆଧାର କାର୍ଡ ଯାଞ୍ଚ କରିବା ଦିଗରେ ସରକାରୀ କଳ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛଇ। ସେମାନେ ନିଜ ବେପାର ପାଇଁ ବ୍ୟବହାର କରୁଥିବା ଯାନବାହନ ଗୁଡ଼ିକର କାଗଜପତ୍ର ମଧ୍ୟ ଯାଞ୍ଚ କରାଯିବା ନେଇ ସାଧାରଣରେ ଦାବି ହେଉଛି। ସୋସିଆଲ ମିଡ଼ିଆରେ ବହୁ ସମୟରେ ବାଂଲା ଅନୁପ୍ରବେଶକାରୀମାନଙ୍କୁ ନେଇ ବିଭିନ୍ନ ଚୋରି ଖବର ଦେଖିବାକୁ ମିଳୁଥିବା ବେଳେ ଏ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ କି ପୁଲିସ ସେମାନଙ୍କ ଉପରେ କାହିଁକି ପଦକ୍ଷେପ ଗ୍ରହଣ କରୁନାହୁଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ



**ଭବାନୀପାଟଣା, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ତରଫରୁ ଭବାନୀପାଟଣା ରିଷଗାଁ ସ୍ଥିତ ଏସ୍ଏନ୍ କନଫରେନ୍ସ ହଲ ଠାରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଅଜିତ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନବୀନ ଓଡ଼ିଶାର ସାରଥୀ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂତନ ଓଡ଼ିଶା ଗଠନ ପାଇଁ ଯୁବପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଛାତ୍ର ସଂଯୋଜକ ରାଜ୍ୟ ଛାତ୍ର ବରିଷ୍ଠ ଉପ ସଭାପତି ଅପୂର୍ବା ଅପରୂପା, ବଲାଙ୍ଗିର ଜୋନ ସଭାପତି ଚିରାଗ ସିଂହଦେଓ, ରାଜ୍ୟ ଛାତ୍ର ଉପ ସଭାପତି ରଶ୍ମୀରେଖା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ର ଛାତ୍ରୀ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ନିଜ ନିଜର ମତାମତ ରଖିଥିଲେ। ଛାତ୍ର ଛାତ୍ରୀଙ୍କୁ ନୂଆ-ଓ ସ୍କଲାରସିପ ପ୍ରଦାନ କରିଥିବାରୁ ସମସ୍ତେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ପରୀକ୍ଷିତ ନାଏକ, ନିଳାମ୍ବର ସାହୁ, ସିନୁ ବେହେରା, ଦିଲେସ ଯାଦବ, ଜିତେନ୍ଦ୍ର ବେହେରା, ଲାଲ ବାହାଦୂର ନାଏକ, ଦେବେନ୍ଦ୍ର କୁମାର, ଶୈଳେଶ ବିଶି, ପ୍ରିତମ ପାଢ଼ୀ, ସୁଜାନ ନାଏକ, ସୁନିଲ ଭଇସାଲ, ଶୁଭେନ୍ଦୁ ସାହୁ, କାହ୍ନା ପାଢ଼ୀ, ଶ୍ରୀଚନ୍ଦନ ନାଏକ, ମୋସିମ ଅହମ୍ମଦ, ଅମ୍ବୁଜ ଧଙ୍ଗଡାମାଝୀ, ଭୋଳାଶଙ୍କର ନାଗ, ଗଣେଶ ବାଗ, ପ୍ରତ୍ୟୁଷା ସାହୁ, ମନିଷା ବାରିକ, ରୁନି ବିଶ୍ୱାଲ ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧ କୁଣ୍ଡୁଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ଲାଞ୍ଜିଗଡ଼, ୨।୪(ସମିସ):** ସରକାର ସମାଜରେ ଗରିବ ତଥା ଅସହାୟ ଅବସ୍ଥାରେ ରହୁଥିବା ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ଆଣିଛନ୍ତି ବିଭିନ୍ନ ଆର୍ଥିକ ସହାୟତା ଯୋଜନା। ଏସବୁ ଯୋଜନା ମାଧ୍ୟମରେ ଗରିବ ଅସହାୟ ଲୋକମାନେ ବିଭିନ୍ନ ସୁବିଧା ସୁଯୋଗ ପାଇଥାଆନ୍ତି। ପ୍ରଶାସନିକ ଅଧିକାରୀ ଅବା ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା ମନୋଭାବ ଯୋଗୁଁ ଅନେକ ଉପଯୁକ୍ତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ହେଉ କି



ବିଧବା ଭତ୍ତା ଅବା ଭିନ୍ନକ୍ଷମ ଭତ୍ତା ଆଜି ବି ପ୍ରକୃତ ହିତାଧିକାରୀ ଚୟନରେ ଅଣଦେଖା କରାଯାଉଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ତୁର୍କା ଗାଁର ବୃଦ୍ଧ କୁଣ୍ଡୁ ମାଝୀ ହେଉଛନ୍ତି ଏଭଳି ଏକ ଉଦାହରଣ। କୁଣ୍ଡୁ ନିଜ ଭତ୍ତା ପାଇଁ ୱାର୍ଡ ମେମ୍ବର, ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ କେହି ଶୁଣି ନ ଥିବା ସେ କ୍ଷୋଭର ସହିତ କହିଛନ୍ତି। କୁଣ୍ଡୁଙ୍କ ପୁଅ ନବୀନ ମଧ୍ୟ ବାପାଙ୍କ ଭତ୍ତା ପାଇଁ ବ୍ଲକକୁ ବାରମ୍ବାର ଯାଇ ଗୁହାରୀ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲାଞ୍ଜି ପଞ୍ଚାୟତ ପିଇଓ ସାଧୁରାମ ସାହୁଙ୍କୁ ପଚାରିବାରୁ ତାଙ୍କ କାଗଜପତ୍ରରେ କୌଣସି ତ୍ରୁଟି ଥାଇପାରେ। ସେମାନେ ତାଙ୍କ କାଗଜପତ୍ର ମତେ ଦେଲେ ଶୀଘ୍ର ଭତ୍ତା ପାଇବା ପାଇଁ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ।

## ଅଚଳ ହୋଇପଡ଼ିଛି ହାଇମାକ୍ସ ଲାଇଟ୍



**କୋକସରା, ୨।୪(ସମିସ):** କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ଚିକିଲି ଗ୍ରାମର ମୁଖ୍ୟ ଛକ ଭଗବତୀ ମନ୍ଦିର ନିକଟରେ ଥିବା ହାଇମାକ୍ସ ଷ୍ଟ୍ରୀଟ ଲାଇଟ୍ ଅଚଳ ଅବସ୍ଥାରେ ପଡ଼ିରହିଛି। ଯାହା ଫଳରେ ରାତି ହେଲେ ରାସ୍ତାରେ ଯିବା ଆସିବା କରୁଥିବା ଲୋକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ହାଇମାକ୍ସ ଲାଇଟ୍‌କୁ ମରାମତି କରିବା ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଦୃଷ୍ଟି ଦେଉ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ଅଚଳ ଲାଇଟକୁ ତୁରନ୍ତ ମରାମତି କରିବା ପ୍ରଶାସନର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନବୋଦୟ ପ୍ରବେଶିକା ପରୀକ୍ଷାରେ ୧୦ ଉତ୍ତୀର୍ଣ୍ଣ

**କର୍ଲାମୁଣ୍ଡା, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟର ଦଶ ଜଣ ଛାତ୍ରଛାତ୍ରୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ କୁଶୁର୍ଲା-ଜୋରାଡବରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ସ୍ୱସ୍ତିକ ସ୍ୱରୂପ ବଡମାଲି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରିଷିଡାର ଛାତ୍ରୀ ବନ୍ଦନା ଗଉଡ, ବାପୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ରିଷିଡାର ଛାତ୍ର ପ୍ରୀତିପଦ ରଣା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କର୍ଲାମୁଣ୍ଡାର ସୁଚିସ୍ମିତା କୁମାର ଓ ଚନ୍ଦ୍ରଶେଖର ଜାନୀ, କିଡ୍ସ ୱାର୍ଲଡ଼ ଇଂଲିଶ ମିଡିୟମ ସ୍କୁଲ କର୍ଲାମୁଣ୍ଡାର ଛାତ୍ର ଆକାଶ ସାହୁ, ଜାମେଶ ବାଗ, କେଦାର ନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଶିବ ପ୍ରସାଦ ସାହୁ ଅଟନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ନିର୍ବାଚନକୁ ଦୃଷ୍ଟିରେ ରଖି କେସିଙ୍ଗା ପୁଲିସ ପକ୍ଷରୁ ବ୍ୟାପକ ଚେକିଂ

**କେସିଙ୍ଗା, ୨।୪(ସମିସ):** ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପ୍ରଶାସନ ପକ୍ଷରୁ ମଧ୍ୟ ସେତିକି ତତ୍ପରତା ଦେଖାଯାଉଛି। କେସିଙ୍ଗା ପୁଲିସ ପକ୍ଷରୁ ସହରର ବିଭିନ୍ନ ଛକ ମାନଙ୍କରେ ପ୍ରତିଦିନ ଗାଡ଼ି ମଟର ତନଖି କରାଯିବା ସହିତ ହେଲମେଟ, ଡ୍ରାଇଭିଙ୍ଗ ଲାଇସେନସ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଉଛି। ଚାରିଚକିଆ ଗାଡ଼ିକୁ ମଧ୍ୟ ଅଟକାଇ ଡିକି ଖୋଲି ଭଲ ଭାବରେ ତନଖି କରି ଗାଡ଼ି ଛଡା ଯାଉଥିବା ଦେଖା ଯାଉଛି। କେସିଙ୍ଗା ଆଦର୍ଶ ଥାନା ପୁଲିସ ପକ୍ଷରୁ ଗତ ଦୁଇ ଦିନ ତଳେ ପୁଲିସ ତନଖି ବେଳେ ଅମାଠ୍ ଛକଠାରେ ପ୍ରାୟ ଦଶ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ କରିଥିଲା।

## ଗରିବ ମେଧାବୀ ଛାତ୍ରଙ୍କୁ ଡିଫାଇନ୍ କଳାହାଣ୍ଡିର ସହାୟତା



**କେସିଙ୍ଗା, ୨।୪(ସମିସ):** ଗରିବ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ବାପା ମାଆଙ୍କ ସମେତ ପରିବାରରର ସମସ୍ତଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କେତକ ମେଧାବୀ ଛାତ୍ରଛାତ୍ରୀଙ୍କ ସମସ୍ୟା କିଛି ସହୃଦୟ ବ୍ୟକ୍ତି ବିଶେଷ ମାନଙ୍କ ଦ୍ୱାରା ପୂରଣ ହୋଇଥାଏ ତ କିଛି ଛାତ୍ର ଛାତ୍ରୀଙ୍କ ସ୍ୱପ୍ନ କିଛି ନିଷ୍ଠାବାନ ସଙ୍ଗଠନ ତରଫରୁ ପୂରଣ ହୋଇଥାଏ। ଡିଫାଇନ କଳାହାଣ୍ଡି ପକ୍ଷରୁ ପାଷ୍ଟିକୁଡ଼ିରେ ଏକ କାର୍ଯ୍ୟକ୍ରମରେ କଲମପୁର ବ୍ଲକ ବରଛି ଗ୍ରାମର ମେଧାବୀ ଛାତ୍ର ଆକାଶ କୁମାର ନାୟକଙ୍କୁ ଏକ ଲ୍ୟାପଟପ୍ ପ୍ରଦାନ କରାଯାଇଛି। ଏଠାରେ ପ୍ରକାଶ ଥାଉକି ଆକାଶ ପ୍ରଶାସନିକ ଓ ଅନ୍ୟ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ପଇସା ବାଧକ ସାଜିଥିଲା। ଡିଫାଇନ କଳାହାଣ୍ଡିର ପ୍ରମୁଖ ମଧୁ ମହାନ୍ତିଙ୍କ କଲମପୁର ଗସ୍ତ ସମୟରେ ଆକାଶ ତାଙ୍କର ଦୁଃଖ ଜଣାଇଥିଲେ। ଶ୍ରୀ ମହାନ୍ତି ଆକାଶଙ୍କୁ ଏକ ଲାପଟପ୍ ପ୍ରଦାନ ପାଇ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଫାଇନ କଳାହାଣ୍ଡିର ଜୟନ୍ତ କୁମାର ନାଏକ, ରଶ୍ମୀ ରଞ୍ଜନ ପ୍ରଧାନ, ମନୀନ୍ଦ୍ର ମହାନ୍ତି ଓ ପ୍ରଣବ ଭିକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## କାଉଡୋଲାରେ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ

**କୋକସରା, ୨।୪(ସମିସ):** କୋକସରା ବ୍ଲକ କାଉଡୋଲା ଜଗନ୍ନାଥ ମନ୍ଦିର ପରିସରରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜିତ ହୋଇଛି। ରବିବାର ନାମଯଜ୍ଞ ନିମନ୍ତେ ଶୁଭ କଳସ ସ୍ଥାପନ କରାଯାଇଥିଲା। ସୋମବାରଠାରୁ ନାମଯଜ୍ଞ ଆରମ୍ଭ ହୋଇ ବୁଧବାର ସକାଳେ ନାମ ସମାପନ ଓ ପୂର୍ଣ୍ଣାହୁତି ହେବ। ନାମଯଜ୍ଞ ଫଳରେ ଗାଁ ପରିବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ହରେ କୃଷ୍ଣ ହରେ ରାମ ନାମରେ ଗୁଞ୍ଜରିତ ହୋଇ ଉଠିଛି ଯଜ୍ଞସ୍ଥଳ। ଜନସାଧାରଣଙ୍କ ମନରେ ଭକ୍ତି ଭାବନା ଜାଗ୍ରତ ହୋଇ ବେଶ୍ ଉତ୍ସାହ ହେଉଥିବା



ଦେଖିବାକୁ ମିଳିଛି। ଏହି ନାମଯଜ୍ଞରେ ଘୁଲୁଗୁଡା ବାଳିକା ସଂକୀର୍ତ୍ତନ ସମେତ ସିର୍ଲିଗୁଡା, ଝରିଆଗୁଡା, କୁସୁମଖୁଣ୍ଟି, କାଉଡୋଲା, ସନ୍ଦିମୁଣ୍ଡା, ନେଗୀଗୁଡା, ବାଞ୍ଜିବାହାଲ, ଚନ୍ଦାହାଣ୍ଡି ଲାଙ୍ଗପଡ଼ା ସଂକୀର୍ତ୍ତନ ଆଦି ୯ଟି ଦଳ ସାମିଲ ହୋଇଥିବା ସୂଚନା ରହିଛି। ଜଗନ୍ନାଥ ମନ୍ଦିର ପୂଜକ ଉମାଶଙ୍କର ଦାସ ନାମଯଜ୍ଞରେ ପୂଜାକାର୍ଯ୍ୟ ତୁଲାଉଥିବା ବେଳେ ଗୋବିନ୍ଦ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳୀ ପୁରୋହିତ କର୍ତ୍ତା କାର୍ଯ୍ୟ ନିର୍ବାହ କରୁଛନ୍ତି। ପ୍ରତିଦିନ ଭକ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆୟୋଜକ କମିଟିର ସଭାପତି ମହେଶ୍ୱର ସରାବୁ, ଉପ-ସଭାପତି କଦମ୍ବ ଖର୍ସେଲ, ସମ୍ପାଦକ ଗିରିଧାରୀ ମାଝୀ, ସହ-ସମ୍ପାଦକ ନିଧିରାମ ମାଝି, କୋଷାଧ୍ୟକ୍ଷ ବିପ୍ର ନାଏକ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟରେ ବିଶେଷ ସହଯୋଗ କରୁଛନ୍ତି।

## ମଦ୍ୟପାନ କରି ଯୁବକ ମୃତ

**ଜୟପାଟଣା, ୨।୪(ସମିସ):** ମଦ ପିଇ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଖଲିଆଭଟା ଗ୍ରାମରେ। ଗ୍ରାମର ଭକ୍ତରାମ ଶବର (୩୧) କିଛିଦିନ ହେଲା ପ୍ରବଳ ମଦ୍ୟପାନ କରୁଥିଲେ। ତେବେ ଗତ ରାତିରେ ମଦ ପିଇ ଭକ୍ତରାମ ଆସିବାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ହୁଏତ ନକଲି ମଦ ପ୍ରଭାବରେ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ଭକ୍ତରାମଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ନଳିନୀ ଓ ସାତ ବର୍ଷ ଛୁଆଟିଏ ରହିଛନ୍ତି। ବର୍ତ୍ତମାନ ପରିବାର ବେସାହାରା ହୋଇପଡ଼ିଛି। ଗ୍ରାମାଞ୍ଚଳରେ ବର୍ତ୍ତମାନ ଦେଶୀ ଓ ବିଦେଶୀ ମଦ ଆଳୁ ପିଆଜ ପରି ଉପଲବ୍ଧ ହେଉଥିବା ବେଳେ ନିରୀହ ଲୋକେ ମଦ ପିଇ ଏଭଳି ପରିସ୍ଥିତିର ଶିକାର ହେଉଛନ୍ତି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଅସନ୍ତୁଷ୍ଟ ମୁଣ୍ଡବ୍ୟଥା

**ନୂଆପଡ଼ା, ୨।୪(ସମିସ):** ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନିର୍ବାଚନମଣ୍ଡଳୀରେ ସେତିକି ନିର୍ବାଚନୀ ଉଷ୍ମତା ବଢ଼ିବାକୁ ଲାଗିଛି। ମଙ୍ଗଳବାର ଦିନକରେ ବିଜେପି ଏବଂ କଂଗ୍ରେସ ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ସକାଶେ ପ୍ରାର୍ଥୀ ତାଲିକା ସାର୍ବଜନୀନ କରିଛି। ଏହି ତାଲିକା ଘୋଷଣା ପରେ ଦଳଗୁଡିକ ମଧ୍ୟରେ ଥିବା ଚାପା ଅସନ୍ତୋଷ ଗୁମୁରିବାରେ ଲାଗିଛି। ଏକାଧିକ ଆଶାୟୀ ପ୍ରାର୍ଥୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ଦୁଇ ଦଳର ଗୋଳିଆ ପାଣିରୁ ଫାଇଦା ନେବାକୁ ବିଜେଡି ପ୍ରାର୍ଥୀ ଜଗି ରହିଛନ୍ତି। ତେବେ ନୂଆପଡ଼ା ବିଧାନସଭା କ୍ଷେତ୍ର ସକାଶେ ବିଜେଡି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଦଳୀୟ ଟିକଟ ପ୍ରଦାନ କରିଛି। ଅନ୍ୟପକ୍ଷେ ବିଜେପି ପକ୍ଷରୁ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଟିକଟ ଦିଆଯାଇଛି। କଂଗ୍ରେସ ତରଫରୁ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ନିଜେ ଟିକଟ ନେଇ ମୈଦାନରେ ଅବତରଣ କରିଛନ୍ତି। ବିଜେପିର ୨ ଜଣ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଖରିଆରରୋଡ ଏନଏସି ଅଧ୍ୟକ୍ଷା ଟିକଟ ଦୌଡରେ ରହିଥିଲେ। ଏହା ପୂର୍ବରୁ ବିଜେପି ଦୁଇ ତିନି ଫାଳ ହୋଇସାରିଥିଲା। ସବୁ ଫାଳ ନିଜ ନିଜର ନେତାଙ୍କୁ ଟିକଟ ମିଳିବ ବୋଲି ଆସ୍ଥା ରଖିଥିଲେ, ହେଲେ ସବୁ ଫସର ଫାଟିଲା। ଏମାନଙ୍କୁ ଦଳ ବାଦ ଦେଇ ଅଭିନନ୍ଦନଙ୍କୁ ଟିକଟ ଦେବା ପରେ ଯଦିବା ସେମାନେ ଖୋଲାଖୋଲି ମୁହଁ ଖୋଲିନାହାନ୍ତି ତଥାପି ସେମାନଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦଳ ମଧ୍ୟରେ ଚାପା ଅସନ୍ତୋଷ ବୃଦ୍ଧି ପାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ କଂଗ୍ରେସରେ ଦୀର୍ଘ ୧୦ ବର୍ଷ ଧରି ଗଡ଼ ସମ୍ଭାଳି ଆସିଥିବା ପୂର୍ବତନ ସଭାପତି ତଥା ଚାରି ଗଡ଼ ଗୌଣ୍ଡ ସମାଜର ସଭାପତି ଘାସିରାମ ମାଝୀଙ୍କୁ ବାଦ ଦେଇ ପୂର୍ବରୁ ବହୁ ବିରୋଧାଭାସ ସତ୍ତ୍ୱେ ଶରତ ପଟ୍ଟନାୟକଙ୍କୁ ଟିକଟ ଦିଆଯାଇଥିବାରୁ ଘାସିରାମ ନୈରାଶ୍ୟ ଭାବ ପ୍ରକାଶ କରିଛନ୍ତି। ଦଳ ତାଙ୍କୁ ଧୋକା ଦେଇଛି। ଏହା ତାଙ୍କୁ ଶକ୍ତ ଧକ୍କା ଦେଇଛି ବୋଲି ପ୍ରକାଶ କରିଛନ୍ତି। ପ୍ରକୃତ ଯୋଦ୍ଧାଙ୍କୁ ଦଳ ଚିହ୍ନପାରିଲା ନାହିଁ ବୋଲି କହି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଗୋଳିଆ ପାଣିରୁ ବିଜେଡିକୁ ବେଶ୍ ସଫଳତା ମିଳିବା ସମ୍ଭାବନା ରହିଥିବା ରାଜେନ୍ଦ୍ରଙ୍କ ସମର୍ଥକମାନେ କହିଛନ୍ତି।

## ଦଣ୍ଡପାଟ ଯୁବ ସେବା ସଙ୍ଗଠନର ବାର୍ଷିକ ଉତ୍ସବ




**କୋକସରା, ୨।୪(ସମିସ):** କଳାହାଣ୍ଡି ଜିଲ୍ଲା ବେହେରାସ୍ଥିତ ଭାରତୀୟ ବିଦ୍ୟା ଶ୍ରୀନିକେତନ ମହାବିଦ୍ୟାଳୟ ପରିସରରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଦଣ୍ଡପାଟ ଯୁବ ସେବା ସଙ୍ଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସଙ୍ଗଠନର ସଭାପତି ରଜତ ବଂଶଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାନ କଳାହାଣ୍ଡିର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେସନର ସମ୍ପାଦକ ଅବିନାଶ ମୁଣ୍ଡ ମୁଖ୍ୟବକ୍ତା, ଦଣ୍ଡପାଟ ପ୍ରତ୍ୟୁସର ଗ୍ରୁପ୍ ସଭାନେତ୍ରୀ ସୁଚିତ୍ରା ଗୋପାଳ, ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଙ୍ଗଠନର କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ଏହା ଦଣ୍ଡପାଟ ଅଞ୍ଚଳର ବିକାଶ କ୍ଷେତ୍ରରେ ଆଲୋକବର୍ତ୍ତିକା ସାଜିଛି ବୋଲି ମତପ୍ରକାଶ କରିଥିଲେ। ସଙ୍ଗଠନର ଉପ ସଭାପତି ତ୍ରିଲୋକନାଥ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଭୁଜବଳ ନାଏକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କ୍ରମରେ ସଂଗଠନ ଓ ଜନ ଶିକ୍ଷଣ ସଂସ୍ଥାନ ତରଫରୁ ଦିଆଯାଉଥିବା ସିଲେଇ ତାଲିମର ତୃତୀୟ ପର୍ଯ୍ୟାୟର ୪୦ ଜଣ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବିଗତ ଦୁଇ ବର୍ଷ ଧରି ୧୨୦ ଜଣ ଛାତ୍ରୀମାନଙ୍କୁ ସିଲେଇ ତାଲିମ ଦେଉଥିବା ପ୍ରଶିକ୍ଷିକା ସାବିତ୍ରୀ ନାଏକ ଓ ଚାନ୍ଦିନୀ ଭୋଇଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଗଠନର ସଦସ୍ୟ କ୍ଷୀରସିନ୍ଧୁ ବାଣୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା। ଈଶ୍ୱର ବାଣୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ ସୁଶୀଲ ଚନ୍ଦ୍ର ନାଗ, କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ, ରଙ୍ଗାଧର ନାଗ, ଭୀଷ୍ମ ବାଣୁଆ, ଉଗ୍ରସେନ ନାଏକ, ଲଳିତ ବାଣୁଆ, ଭବାନୀଶଙ୍କର ବାରିକ, ପ୍ରକାଶ ସାହୁ, ହେମାଲ ବିଶି, ରୂପେଶ ନାଏକ, ଚନ୍ଦ୍ରକାନ୍ତ ରଣା, ରିଙ୍କୁ ବିଶି, କାହ୍ନା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କଲମପୁର ବ୍ଲକରେ ବିଜେଡିର ସଂକଳ୍ପ ଦିବସ

# କଂଗ୍ରେସ, ବିଜେପି ଏବଂ ଯୁବ ବର୍ଗରୁ ଶତାଧିକ ସାମିଲ

କଲମପୁର, ୨।୪(ସମିସ)

**● ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ**




୨୦୨୪ ନିର୍ବାଚନ ପାଇଁ ବିଭିନ୍ନ ଦଳ ନିଜର ପ୍ରାର୍ଥୀ ଘୋଷଣା ହେବା ପରେ ମୈଦାନକୁ ଓହ୍ଲାଇବା ପାଇଁ ରଣନୀତି ଆରମ୍ଭ ହୋଇଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ସାଧାରଣ ନିର୍ବାଚନରେ ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ବିଜୟୀ କରାଇବା ପାଇଁ ମଙ୍ଗଳବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀ କଲମପୁର ବିଜୁ ଜନତା ଦଳ ପକ୍ଷରୁ ପଣ୍ଡିଗାଁ ବଜାର ପଡ଼ିଆଠାରେ ନିର୍ବାଚନୀ ସଭା ତଥା ସଂକଳ୍ପ ଦିବସ ଅନୁଷ୍ଠିତ ହୋଇଛି। କଲମପୁର ବ୍ଲକ ବିଜେଡି ସଭାପତି ଅଭି ବାଗଙ୍କ ସଭାପତିତ୍ୱରେ ଆୟୋଜିତ ସଂକଳ୍ପ ଦିବସରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ବିଜୟୀ କରାଇବା ସହ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ କର୍ମକର୍ତ୍ତାମାନଙ୍କୁ ସଂକଳ୍ପ ନେବା ପାଇଁ ଅନୁରୋଧ କରିଥିଲେ। ଆହୁରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓଡ଼ିଶାର ସମସ୍ତ ସ୍କୁଲ ରୂପାନ୍ତରୀକରଣଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କାର୍ଡ, ରାସ୍ତା ଘାଟ, ମଠ ମନ୍ଦିରର ଉନ୍ନତି ସହ ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସୁବିଧା କରି ସାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ଲୋକଙ୍କ ଆସ୍ଥା ବିଶ୍ୱାସ ରହିଛି। ଏଥର ମଧ୍ୟ ଲୋକେ ଆସ୍ଥା ପ୍ରକଟ କରି ବିପୁଳ ସଂଖ୍ୟାରେ ବିଜୟୀ କରାଇବେ ବୋଲି ବିଶ୍ୱାସ ରହିଛି। କୌଣସି ମନାନ୍ତର ମତାନ୍ତର ନ ରଖି ଲୋକଙ୍କ ସହ ସମ୍ପର୍କ ଗଢିବା ପାଇଁ କର୍ମୀମାନଙ୍କୁ ଶ୍ରୀ ସିଂଦେଓ ଉତ୍ସାହିତ କରିଥିଲେ ଏବଂ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଓ ସଂଗଠିତ ହୋଇ ବିଧାୟକ ଓ ସାଂସଦ ପ୍ରାର୍ଥୀକୁ ବିପୁଳ ସଂଖ୍ୟାରେ ବିଜୟୀ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ପୂର୍ବତନ ବିସିସି ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂ ଦେଓ, ଜିଲ୍ଲା ସମ୍ପାଦକ ନବୀନ ପଣ୍ଡା, ଯୁବ ସଭାପତି ମନୋଜ ନାଏକ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମଧୁଛନ୍ଦା ଭଞ୍ଜ, ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, ନିବେଦିତା ହଂସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ପୂର୍ବତନ ବ୍ଲକ ସଭାପତି ପ୍ରଦୀପ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସମିତି ସଭ୍ୟ ବଭ୍ରୁବାହନ ପୁଝାରୀ, ଚତୁର୍ଭୁଜ ପଣ୍ଡା, ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ମୁଣ୍ଡ, ଛାତ୍ର ସଭାପତି ମିଲିନ୍ ପାତ୍ର, ସରପଞ୍ଚ ଚନ୍ଦନ ପଣ୍ଡା, ମଣ୍ଡଳ ପ୍ୟାକ୍ସ ସଭାପତି ମହେନ୍ଦ୍ର ଯୋଶୀ, ଡାକେ ଲହଜଲ, ପ୍ରମୋଦ ହଂସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କ୍ରମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ବଡକୁଟ୍ରୁ ଜିପି ବିଜେପି ଏସସି ମୋର୍ଚ୍ଚା ସଭାପତି ଗଜିନ୍ଦ୍ର ନାଏକଙ୍କ ସମେତ ବିଜେପି, କଂଗ୍ରେସ ଏବଂ ଯୁବକ ପ୍ରାୟ ଶତାଧିକ ଲୋକ ଯୁବ ସଭାପତି ମନୋଜ ନାଏକଙ୍କ ନେତୃତ୍ୱରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ବିଧାୟକ ପ୍ରାର୍ଥୀ ଶ୍ରୀସିଂଦେଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ମିଶନ ଶକ୍ତି ମହିଳା ଗୋଷ୍ଠୀ ଉପସ୍ଥିତ ରହି ବିଜେଡିକୁ ତୃଣମୂଳ ସ୍ତରରେ ସୁଦୃଢ଼ କରି ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ। ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୁ ଜନତା ଦଳର ଚେରୁ ନାଏକ, ଘନଶ୍ୟାମ ନାଏକ, ଅଜିତ ମୁଣ୍ଡ, ସୁବୋଧ ଖମାରୀ, ପ୍ରଶାନ୍ତ କଙ୍କରିଆ, ବୁଲୁ ଖମାରୀ, ଚନ୍ଦ୍ରମଣି ନିଆଲ, ମୁନା ଭଞ୍ଜ, ନରସିଂହ ମାଝୀ, ଭଗବାନ ବିହାରୀ, ଅଭିନ୍ନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଓ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ମାସେ ହେଲା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ

**ଜହ୍ନାପଙ୍କ, ୨।୪(ସମିସ):** ଗ୍ରୀଷ୍ମ ଋତୁରେ ଲୋକେ କିପରି ଜଳକଷ୍ଟରୁ ମୁକ୍ତି ପାଇବେ ସେଥିପାଇଁ ଜିଲ୍ଲା ପ୍ରଶାସନ ରୁଦ୍ଧ ଦ୍ୱାର ବୈଠକ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲା। ଏହା ସହିତ ତୁରନ୍ତ ଅଚଳ ନଳକୂପ ଓ ପ୍ରକଳ୍ପଗୁଡ଼ିକ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା; ହଲେ ଏହା କେବଳ ଶୀତ ତାପ ନିୟନ୍ତ୍ରିତ କୋଠରିରେ ସୀମିତ ରହି ଯାଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ମେଡ଼ିକାଲ ଛକ ଜାତୀୟ ରାଜପଥ କଡ଼ରେ ଥିବା ସୌର ଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ।



ମାସେ ହେଲା ଏହା ଅଚଳ ହୋଇ ପଡ଼ିଥିଲେ ମଧ୍ୟ କାହା ପାଖରେ ସୂଚନା ନାହିଁ। ଏହା ଫଳରେ ଗ୍ରାମବାସୀ ପାନୀୟ ଜଳ କଷ୍ଟ ଭୋଗିବା ସହିତ ପଡ଼ୋଶୀ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ତ୍ରିବେଣୀ ଛକ ନିକଟରେ ଥିବା ନଳ କୂଅରୁ ପାଣି ସଂଗ୍ରହ କରୁଛନ୍ତି। ଗ୍ରାମରେ ଥିବା ନଳକୂଅରୁ କ୍ଷାରଯୁକ୍ତ ପାଣି ବାହାରୁ ଥିବାରୁ ୨୦୧୯ରେ ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ କରା ଯାଇଥିଲା। ସେହି ଦିନଠାରୁ ଏହି ପ୍ରକଳରୁ ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଥିଲେ। ଆଶା ଥିଲା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେଲେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବ; କିନ୍ତୁ ଏଥିରେ ଅତ୍ୟଧିକ ବ୍ଲିଚିଂ ପାଉଡର ବ୍ୟବହାର କରାଯାଉଥିବାରୁ ଏହାକୁ ଲୋକ ପାନୀୟ ଜଳ ଭାବରେ ବ୍ୟବହାର ନ କରି ସୌର ଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାନୀୟ ଜଳ ନେବାକୁ ଉଚିତ ମଣୁଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଲୁଣ୍ଡୁ ଗାଁ

**ଶଗଡ଼ା, ୨।୪(ସମିସ)**

ସରକାର ଗମନାଗମନ ସହ ଅନ୍ୟାନ୍ୟ ମୌଳିକ ସୁବିଧା ଲୋକଙ୍କୁ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ସରକାରୀ ଯୋଜନା ବାଟ ହୁଡୁଛି। ବର୍ତ୍ତମାନ ସୁଦ୍ଧା ଅନେକ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ପାନୀୟ ଜଳ ବ୍ୟବସ୍ଥା ହୋଇପାରିନି। ଶିକ୍ଷା, ସ୍ୱାସ୍ଥ୍ୟ ସହ ଅନ୍ୟାନ୍ୟ ମୌଳିକ ସୁବିଧା ମିଳି ପାରିନାହିଁ। ଏଭଳି ଏକ ଅବହେଳିତ ଗାଁ ହେଉଛି ବୌଦ୍ଧ ଜିଲ୍ଲା କଣ୍ଟମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତର ଏକ ଛୋଟ ଗ୍ରାମ ଲୁଣ୍ଡୁ।

ଏହି ଗ୍ରାମରେ ଜନଜାତି ସମ୍ପ୍ରଦାୟର ୧୫ କୁଟିଆ କନ୍ଧ ପରିବାର ବସବାସ କରୁଛନ୍ତି। ଗ୍ରାମବାସୀଙ୍କ ପାନୀୟ ଜଳ ସଂଗ୍ରହ ପାଇଁ ଗାଁରେ ଏକ ନଳକୂପ ରହିଛି; ହେଲେ ଦୀର୍ଘ ସମୟ ପରେ ଅଳ୍ପ ପାଣି ବାହାରୁଛି। ଏହି ଗ୍ରାମବାସୀ ସ୍ନାନଶୌଚ ସହିତ ପାନୀୟ ଜଳ ସଂଗ୍ରହ ପାଇଁ ଗାଁ ନିକଟରେ ଥିବା ଡେଲାଗୁରୁ ନାଳ ଉପରେ ନିର୍ଭର କରିଥାନ୍ତି। ଏହି ଗାଁକୁ



ସବୁ ଦିନିଆଁ ରାସ୍ତା ନ ଥିବାରୁ ବର୍ଷା ୪ ମାସ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜଙ୍ଗଲ ପାହାଡ଼ ଘେରା ଏହି ଗାଁକୁ ଯାତାୟତ ପାଇଁ ବାଧକ ସାଜିଛି ଏକମାତ୍ର ନାଳ। ଏହି ନାଳ ଉପରେ ଏକ ଛୋଟ ପୋଲ ପାଇଁ ୨୦୦୯ରୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ପୋଲ ହୋଇ ନ ଥିବାରୁ ଗ୍ରାମବାସୀ ବହୁ କଷ୍ଟରେ ଯାତାୟତ କରୁଛନ୍ତି। ଗାଁଠାରୁ ୩ କିମି ଦୂରରେ ଥିବା ନାଦେନରେ ସ୍କୁଲ ଥିବାରୁ ଏମାନେ ନିଜ ଛୋଟ ପିଲାଙ୍କୁ ସେଠାକୁ ଛାଡୁ ନାହାନ୍ତି। ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନ ଥିବାରୁ ନିୟମିତ ଭାବେ ଅଣ୍ଡା ଓ ଛତୁଆ ସହ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରୁ ୧୫ କିମି ଦୂରରେ ଥିବା ଘଣ୍ଟାପଡ଼ା ଡାକ୍ତରଖାନା ଓ ୧୮ କିମି ଦୂରରେ ଥିବା କଣ୍ଟାମାଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଗ୍ରାମବାସୀ ଯାଇଥାନ୍ତି। ପୁଣି ଜଙ୍ଗଲ ଜମରେ ରହୁଥିଲେ ବି ପଟ୍ଟା ମିଳିନି। ଏଣୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇବାରୁ ଏମାନେ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଉପାନ୍ତ ଅଞ୍ଚଳର ଅବହେଳିତ ଗ୍ରାମକୁ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁ ନ ଥିବା ପରିତାପର ବିଷୟ। ଗ୍ରାମକୁ ଯିବାକୁ ବାଧା ଦେଉଥିବା ନାଳ ଉପରେ ପୋଲ ସହ ସବୁ ଦିନିଆ ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

- ପାନୀୟ ଜଳ, ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟା ଲାଗି ରହିଛି
- ନାଳ ପାଣି ଉପରେ ଭରସା କରୁଛନ୍ତି ଗ୍ରାମବାସୀ
- ଯାତାୟାତରେ ବାଧକ ସାଜିଛି ଡେଲାଗୁରୁ ନାଳ

## କାନ୍ଥପଡ଼ି ଶ୍ରମିକ ମୃତ; ଘର ମାଲିକ ଆହତ

**ବିନିକା,୨।୪(ସମିସ):** ଭଣ୍ଡାର ଗାଁରେ ଘର କାନ୍ଥ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ଭଣ୍ଡାର ଗାଁର ନବୀନ ଭୋଇ (୫୫)। ସେହିଭଳି ଘର ମାଲିକ ବନମାଳି ବଗର୍ତ୍ତି (୬୦) ମଧ୍ୟ ଆହତ ହୋଇଛନ୍ତି। ଭଣ୍ଡାର ଗାଁର ବନମାଳିଙ୍କ ମାଟି ଘର ଭଙ୍ଗା ଯାଉଥିଲା। ଏହା କିନ୍ତୁ ନବୀନ ଓ ବନମାଳୀଙ୍କ ଉପରେ ପଡିଥିଲା। ଗ୍ରାମବାସୀ ଉଭୟଙ୍କୁ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନବୀନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ହିନ୍ଦୀ ଶିକ୍ଷକଙ୍କ ଅବସର ଗ୍ରହଣ

**ମନମୁଣ୍ଡା,୨।୪(ସମିସ):** ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ନରେନ୍ଦ୍ର ପ୍ରଧାନ ଅବସର ନେଇଛନ୍ତି। ଏହି ଅବସରରେ ତାଙ୍କୁ ସ୍କୁଲ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଯାଜ୍ଞସେନୀ ଖେତୀଙ୍କ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ରଂଜୁ ଅମାତ ସଂଯୋଜନା କରିଥିଲେ। ହରିହର ପ୍ରଧାନ, ଗଣେଶ ବସ୍ତିଆ, ଜୟନ୍ତ ପ୍ରଧାନ, ଭୁବନେଶ୍ୱର ବସ୍ତିଆ, ଜୟକୃଷ୍ଣ ପ୍ରଧାନ, ବରଗାଁ ଓ ଆମ୍ବଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ସୁକଦେବ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାନନ ପ୍ରଧାନ, ତରଙ୍ଗିନୀ ବେହେରା, ଶେଷଦେବ ବଗର୍ତ୍ତି, ବିଭୁତି କଁଅର, ଅଜୟ ସାହୁ, ପ୍ରବେଶ ସାହୁ, ପ୍ରଦୀପ୍ତ ଖେତୀ ସହଯୋଗ କରିଥଲେ। ଲିଙ୍ଗରାଜ ପ୍ରଧାନ, ସୁରେନ୍ଦ୍ର ସାହୁ, ସୁରେଶ ବାଘ, ପଞ୍ଚାନନ ଭୋଇ ଓ ପୁରାତନ ଛାତ୍ର ଫକୀର ବସ୍ତିଆ, ପ୍ରକାଶ ବସ୍ତିଆ, ସଂଜୀବ ବସ୍ତିଆ, ନେପାଳ ପଲିଆ, ସୁକାନ୍ତ ପ୍ରଧାନ, ରାଜୁ ପ୍ରଧାନ, ଅରବିନ୍ଦ ବାରିକ, ନିମେଇ ପାତ୍ର, ବିକାଶ ମାଝୀ, ଆକାଶ ମାଝୀ, ଅଜିତ ପ୍ରଧାନ, ସୁଜିତ ପ୍ରଧାନ, ମନ୍ଥନ କର୍ଣ୍ଣ, ଜଗନ୍ନାଥ ଖେତୀ, ମୟ ବାଘ, ସୀତାରମ ବସ୍ତିଆ, ଅର୍ଜୁନ ପ୍ରଧାନ ପ୍ରମୁଖ ଶୋଭାଯାତ୍ରାରେ ନେଇ ଗାଁରେ ଛାଡ଼ିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଡୁଙ୍ଗୁରିପାଲି,୨।୪(ସମିସ):** ହଳଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବଣିଆ ଅବସର ନେଇଛନ୍ତି। ଏହି ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଗଂଜାଲୁ ମିର୍ଦ୍ଧା, ଜଗତ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ରଶ୍ମିତା ବିଶ୍ୱାଳ, ରଞ୍ଜନ ଠେଲା, ଶିକ୍ଷକ ଲୋକନାଥ ଦଣ୍ଡସେନା, ନନ୍ଦଲାଲ ନାଏକ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସୁରେଶ ନାଏକ ସଭା ପରିଚାଳନା କରିଥିଲେ।

## କହ୍ନେଇ ଡାଙ୍ଗଙ୍କୁ ମନମୁଣ୍ଡାରେ ସମ୍ବର୍ଦ୍ଧନା

**ମନମୁଣ୍ଡା,୨।୪(ସମିସ):** କହ୍ନେଇ ଚରଣ ଡାଙ୍ଗଙ୍କୁ ପୁଣି ଥରେ ବିଜେପି କଣ୍ଟାମାଳ ବିଧାୟକ ପ୍ରାର୍ଥୀ ଘୋଷଣା କରିଛି। ଦଳର କର୍ମୀମାନେ ତାଙ୍କୁ ମନମୁଣ୍ଡାରେ ସମ୍ବର୍ଦ୍ଧିତ କରିଛନ୍ତି। ମନମୁଣ୍ଡା ବିଜେପି ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ରକସା (ଦହ୍ୟା) ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ସମିତି ସଭ୍ୟ ଦଳ ଗଞ୍ଜନ ବେହେରା, ବିଜେପି ନେତା ପ୍ରମୋଦ ସାହୁ, ପଞ୍ଚାନନ ବେହେରା, ଗୋରେଖ ସାହୁ, ବିକି ସାହୁ, ଜଗା ଡଙ୍ଗଙ୍କ ସମେତ ଶତାଧିକ ବିଜେପି କର୍ମୀ ସମ୍ବର୍ଦ୍ଧିତ କରିଥିଲେ।

- ଗଞ୍ଜେଇ ଚାଲାଣର ମାଷ୍ଟର ମାଇଣ୍ଡ କିଏ

# ଗ୍ୟାଙ୍ଗ୍ ମୁଖ୍ୟ ପାଖରେ ପହଞ୍ଚି ପାରିବ ତ ପୁଲିସ

**ସୋନପୁର,୨।୪ (ସମିସ):** ବୌଦ୍ଧ ଜିଲ୍ଲା ପଟୁ ସୋନପୁର ଦେଇ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଛି। ଜିଲ୍ଲା ପୁଲିସ୍ ଏବଂ ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢଉ କରାଯାଇ ବିଭିନ୍ନ ସମୟରେ ବିପୁଳ ମାତ୍ରାର ଗଞ୍ଜେଇ ଜବତ କରାଯିବା ସହ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଉଛି। ତେବେ ବିଭିନ୍ନ ସମୟରେ ଗଞ୍ଜେଇ ଜବତ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଘଟଣା ପଛରେ ବଡ ବଡ ହସ୍ତୀ ଥିବା ସହଜରେ ଅନୁମେୟ ହୁଏ। ଗଞ୍ଜେଇ ଚାଲାଣ ସମୟରେ ବହୁ ଦାମିକା କାର୍ ଜବତ ହୁଏ। କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ବ୍ୟକ୍ତି ଗିରଫ ହେଉଥିବା ବେଳେ ଏହି କାର୍‌ଗୁଡ଼ିକର ମାଲିକାନା କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମରେ ଥାଏ। ଗିରଫ ହେଉଥିବା ଚାଲାଣକାରୀଙ୍କ ବେଶ ଭୂଷାକୁ ଦେଖିଲେ ଜଣା ପଡେ ଏମାନଙ୍କୁ କେବଳ ମାଧ୍ୟମ କରାଯାଏ। ଗଞ୍ଜେଇ ଚାଲାଣ ପାଇଁ ଏମାନେ କେବଳ ପଇସା ପାଆନ୍ତି। ଚୋରା ଚାଲାଣ କାରବାରର ମୁଖ୍ୟ କିନ୍ତୁ ଅନ୍ୟ କେହି। ତେବେ ସେମାନଙ୍କ



ନିକଟରେ ପୁଲିସ୍ ପହଞ୍ଚି ପାରୁଛି ତ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଗତ ୨୪ ତାରିଖ ସୋନପୁର ପୁଲିସ୍ ଗଞ୍ଜେଇ ଚୋରା ଚାଲାଣ କାରବାରର ପର୍ଦ୍ଦାଫାସ୍ କରିଥିଲା। ଅଭିନବ ଉପାୟରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ବେଳେ ପୁଲିସ୍ ମାଡି ବସିଥିଲା। ଏକ ଟ୍ରାକ୍ଟରରେ ହାରଭେଷ୍ଟର ମେସିନ୍ ଲୋଡ୍ କରି ତା ତଳେ ୩୧ ବସ୍ତା ଗଞ୍ଜେଇ ଚାଲାଣ ହେଉଥିଲା। ଟ୍ରାକ୍ଟରରୁ ସାଢେ ୪ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଜବତ ହୋଇଥିବା ଟ୍ରାକ୍ଟର, ଟ୍ରଲି କିମ୍ବା ହାରଭେଷ୍ଟରର ମାଲିକ ଏହି ଦୁଇ ଅଭିଯୁକ୍ତ ନୁହନ୍ତି। ଏହି ର୍‌ୟାକେଟ୍ ପଛରେ ବଡ ମାଛ ଥିବା ସହରରେ ଚର୍ଚ୍ଚା ହେଉଛି। ଘଟଣାର ଏକ ସପ୍ତାହ ବିତି ଯାଇଥିବାରୁ ପ୍ରକୃତ ମାଷ୍ଟର ମାଇଣ୍ଡ ନିକଟକୁ ପୁଲିସ୍ ପହଞ୍ଚି ପାରିଛି କି ନାହିଁ ସେ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି। ଗଞ୍ଜେଇ ଚୋରା ଚାଲାଣ କାରବାରରେ ସଂପୃକ୍ତି ଥିବା ସେହି ପ୍ରଭାବଶାଳୀ ଲୋକଙ୍କୁ ଗିରଫ କରାଯାଉ ବୋଲି ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର ଦାବି କରିଛନ୍ତି। ତେବେ ଟ୍ରାକ୍ଟର, ଟ୍ରଲି ଏବଂ ହାରଭେଷ୍ଟରର ମାଲିକ ଭିନ୍ନ ଭିନ୍ନ ଏବଂ ଏବେ ତାଙ୍କ ନାମ ପ୍ରକାଶ କରିହେବ ନାହିଁ ବୋଲି ସୋନପୁର ଥାନା ଆଇଆଇସି ଲୋକନାଥ ସାହୁ କହିଛନ୍ତି। ତେବେ ଖୁବ୍ ଶୀଘ୍ର ଘଟଣାରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଧରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଦେଖିବାକୁ ବାକି ରହିଲା ଚୋରା ଚାଲାଣ ଘଟଣାର ପ୍ରକୃତ ଅଭିଯୁକ୍ତ କେବେ ଧରା ପଡୁଛନ୍ତି।

# ଜରିପାଲ ତଳେ ମୁଣ୍ଡ ଗୁଞ୍ଜିଛନ୍ତି ଶାଶୂ, ବୋହୂ

**ଶଗଡା,୨।୪(ସମିସ):** ଗରିବ ଲୋକଙ୍କ ସୁବିଧା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ପ୍ରଶାସନିକ ଅଧିକାରୀମାନଙ୍କ ଦାୟିତ୍ୱ ନିର୍ବାହରେ ଅବହେଳା କାରଣରୁ ତାହା ବାସ୍ତବରେ ପ୍ରକୃତ ଗରିବ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉପାନ୍ତ ଅଞ୍ଚଳରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ଯୋଜନା ସବୁ ବାଟବଣା ହେଉଛି। ଉମା ପଞ୍ଚାୟତର ସମାଡ଼ାଙ୍କି ଗାଁରେ ଏହାର ପ୍ରମାଣ ମିଳିଛି। ଏହି ଗ୍ରାମର ଏକ ଭଙ୍ଗା ଦଦରା ମାଟି ଚାଳ ଛପର ଘରେ ବନିତା ସେଲମା, ତାଙ୍କ ବୋହୂ ଓ ନାତି ରୁହନ୍ତି। ପରିବାରରେ ପୁରୁଷ ଲୋକ କେହି ନ ଥିବା ବେଳେ ମୂରବୀ ବିହୀନ ପରିବାର ବହୁ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ସାତସପନ ହୋଇଛି ସରକାରୀ ଯୋଜନା। ଦୀର୍ଘ ବର୍ଷଧରି ସେମାନେ ଏକ ଜରି ପାଲ ଟାଣି ଝାଟିମାଟି ଘରେ ରହୁଛନ୍ତି। ବନିତା ୨ ବର୍ଷ ପୂର୍ବରୁ ନିଜ ରୋଜଗାରିଆ ପୁଅକୁ ହରାଇ ଅତି ଦୟନିୟ ଅବସ୍ଥାରେ ରହୁଥିବା କହିଛନ୍ତି। ଘର ମରାମତି କରିବା ପାଇଁ ବନିତାଙ୍କ ପାଖରେ ସମ୍ବଳ ନ ଥିବା ବେଳେ ମୂଲ ଲାଗି ନିଜ ପରିବାରକୁ ଅତି କଷ୍ଟରେ ପ୍ରତିପୋଷଣ କରୁଛନ୍ତି।



ଘରର ସ୍ଥାନେ ସ୍ଥାନେ ବଡ଼ ବଡ଼ ଫାଟ ହୋଇଥିବା ବେଳେ ବର୍ଷା ଦିନେ ଛପର ନ ଥିବାରୁ ଜରି ପାଲରୁ ପାଣି ଗଳୁଛି। ଏହା ଫଳରେ ତିନିହେଁ ଏକ ଚିରା ଜରିପାଲ ଟାଣି ରହୁଛନ୍ତି। ଖରାଦିନ କଷ୍ଟେ ମଷ୍ଟେ ଚଳି ଯାଉଥିବା ବେଳେ ବର୍ଷା ଦିନରେ ଦୁଃଖ ଦ୍ୱିଗୁଣିତ ହୋଇଯାଏ। ବର୍ଷା ଦିନେ ଶାଶୁ ବୋହୂ ସହ ନାତି ଅନ୍ୟର ବାରଣ୍ଡାରେ ଦିନ କାଟନ୍ତି। ଏପରିକି ବର୍ଷା ଦିନେ ରୋଷେଇ କରି ନ ପାରି ଅନେକ ଥର ଭୋକ ଉପାସରେ ଶୋଇବାକୁ ପଡେ ବୋଲି ବନିତା କୋହଭରା କଣ୍ଠରେ କହିଛନ୍ତି। ସ୍ଥାନୀୟ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନ ସହ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ ଗରିବ ପରିବାରର ଦୁଃଖ କେହି ଶୁଣୁ ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଘର ଖଣ୍ଡେ ମିଳି ପାରି ନାହିଁ। ସରକାର ବିଜୁପକ୍କା ଘର, ଆବାସ ଗୃହ ଭଳି ଅନେକ ଯୋଜନା କରିଛନ୍ତି; କିନ୍ତୁ ତାହା ବାସ୍ତବରେ ଯୋଗ୍ୟ ହିତାଧିକାରୀ ପାଇ ପାରୁ ନ ଥିବା ବେଳେ ଅଯୋଗ୍ୟ ହିତାଧିକାରୀ ଫାଇଦା ଉଠାଉଛନ୍ତି। ଏଭଳି ଦୟନୀୟ ଅବସ୍ଥାରେ ଏହି ଗରିବ ପରିବାର ବସବାସ କରୁଥିବା ବେଳେ ତାଙ୍କୁ ପ୍ରଶାସନ ପକ୍ଷରୁ ଏକ ପକ୍କା ଘର ଯୋଗାଇ ଦେବା ଆବଶ୍ୟକ।

## ନାଁ ଘୋଷଣା ପରେ ନେତା, କର୍ମୀ ଉତ୍ସାହିତ

**ଶଗଡା,୨।୪(ସମିସ):** କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ବିଜେପି କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ମନୋଜ ଆଚାର୍ଯ୍ୟଙ୍କ ନାଁ ଘୋଷଣା କରିଛି। ଉଭୟ ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ କର୍ମୀ ଓ ନେତାଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ବିଜେଡି ମହିଧର ରଣାଙ୍କୁ ପ୍ରାର୍ଥୀ ଘୋଷଣା କରିଛି।

## ତହସିଲ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ତରଭା,୨।୪(ସମିସ):** ତରଭା ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ବିଜୟ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ଅଧିକାରୀ ବୀରେନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତୁଳା ମୁଦୁଲି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ସୁଶ୍ରୀ ଚାନ୍ଦିନୀ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କିରାଣି ଶିବାନନ୍ଦ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କିରାଣି ପ୍ରେମାନନ୍ଦ କୁଆଁର, ରାଜସ୍ୱ ନିରୀକ୍ଷକ ଯାଜ୍ଞସେନୀ ଛତ୍ରିଆ, ଦୀପ୍ତିଶିଖା ବେହେରା, ସୁଶାନ୍ତ ସାହୁ, ରମେଶ ଭୋଇ, ରଂଜିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# କିଏ ବୁଝିବ ଆଖୁଚାଷୀଙ୍କ ସମସ୍ୟା

**ସୋନପୁର,୨।୪(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାର ଆଖୁଚାଷୀ ଆଖୁ ବିକ୍ରି କରିବା ପାଇଁ ବିଶେଷ ସୁବିଧା ନାହିଁ। ତେଣୁ ବାଧ ହୋଇ କିଛି ଚାଷୀ ନିଜ କଷ୍ଟ ଉପାର୍ଜିତ ଆଖୁର ମୂଲ ପାଇବା ପାଇଁ ଆଖୁରସ ବିକ୍ରି କରୁଛନ୍ତି। ତେବେ ଚାଷ ସମୟରେ ଯେତିକି ଲହୁ ଲୁହାଣ ହୋଇଥିଲେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆଖୁ ରସ ବିକ୍ରି ସମୟରେ ଦ୍ୱିଗୁଣିତ କଷ୍ଟ ଭୋଗ କରିବେ। ଏଭଳି ଅବସ୍ଥା ଲାଗି ରହିଲେ ଚାଷୀଙ୍କ ଆଖୁ ଚାଷ ପ୍ରତି ମନ ଭାଙ୍ଗି ଯିବ।



- ଆଖୁ ବିକ୍ରି ପାଇଁ କୌଣସି ସୁବିଧା ନାହିଁ
- ବାଧ ହୋଇ ଆଖୁରସ ବିକୁଛନ୍ତି

ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକର ବିଭିନ୍ନ ଗାଁରେ ଏବେ ମଧ୍ୟ ବହୁ ଚାଷୀ ଆଖୁଚାଷ କରୁଛନ୍ତି। ତେବେ ବଲାଙ୍ଗିର ଦେଓଗାଁ ସ୍ଥିତ ବିଜୟାନନ୍ଦ ଚିନିକଳ ବନ୍ଦ ହୋଇଯିବା ଦିନଠୁ ଏମାନେ ବହୁ ସମସ୍ୟା ଭୋଗ କରୁଛନ୍ତି। ଏହି ବ୍ଲକର ଆଖୁଚାଷୀ ନୀଳ ପ୍ରଧାନ ପ୍ରତି ବର୍ଷ କିଛି କିଛି ଜମିରେ ସେ ଆଖୁ ଚାଷ କରନ୍ତି; ହେଲେ ଆଖୁ ବିକ୍ରି କରିବା ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧା ଭୋଗ କରନ୍ତି। ପ୍ରତିବର୍ଷ ଗ୍ରୀଷ୍ମ ଋତୁରୁ ସୋନପୁର ସହରରେ ଆଖୁରସ ଠେଲା ଲଗାଇ ଆଖୁ ରସ ବିକ୍ରି କରନ୍ତି। ଏହି ଚାଷ ପ୍ରତି ଆଉ ମନ ଲାଗୁ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ସେମାନେ ୩ ଭାଇ ମିଶି ୬/୭ ଏକର ଜମିରେ ଆଖୁ ଚାଷ କରୁଥିଲେ। ଏହା କମି କମି ଦେଢ ୨ ଏକର ଜମିକୁ ଆସିଲାଣି। କିଛି ବର୍ଷ ହେଲା ନିଜ ପୁତୁରା ସହ ସୋନପୁର ସହରର ୨ଟି ସ୍ଥାନରେ ୨ଟି ଠେଲା ପକାଇ ଆଖୁରସ ବିକ୍ରି କରୁଛନ୍ତି।

ଚୈତ୍ର ଆରମ୍ଭରୁ ଜ୍ୟେଷ୍ଠ ମାସ ଶେଷ ଯାଏଁ ଆଖୁରସ ବିକ୍ରି କରି ଅମଳ ଆଖୁକୁ ବିକ୍ରି କରୁଛନ୍ତି। ଆଖୁରସ ବିକ୍ରି ପାଇଁ ପ୍ରଚଣ୍ଡ ଖରା ସହିବାକୁ ପଡୁଥିବାରୁ ପରିଶ୍ରମ ଅନୁସାରେ ମୂଲ୍ୟ ମିଳୁ ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାରେ ପୂର୍ବରୁ ଶହ ଶହ ଗାଁରେ ହଜାର ହଜାର ଚାଷୀ ଆଖୁଚାଷ କରୁଥିଲେ। କ୍ରମଶଃ ଆଖୁ ବିକ୍ରିରେ ସମସ୍ୟା ଯୋଗୁଁ ଏହା ହ୍ରାସ ହୋଇଗଲାଣି।

### ଆନ୍ତଃବିଦ୍ୟାଳୟ କ୍ରିକେଟ ଲିଗ୍

# ପ୍ରଜ୍ଞା ଭାରତୀକୁ ହରାଇ ସେମିରେ ଆଦର୍ଶ ସ୍କୁଲ୍



**ସୋନପୁର,୨।୪(ସମିସ):** ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଲିଗ୍‌ର ଚତୁର୍ଥ ଦିନରେ ସୋନପୁର ଆଦର୍ଶ ବିଦ୍ୟାଳୟ ପ୍ରଜ୍ଞାଭାରତୀ ସ୍କୁଲ୍‌କୁ ୨୩୦ ରନ୍‌ରେ ହରାଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଓସିଏ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ସୋମବାର ମ୍ୟାଚରେ ଆଦର୍ଶ ବିଦ୍ୟାଳୟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସ୍ମୃତି ରଞ୍ଜନଙ୍କ ୭୨ ବଲ୍‌ରେ ୭୨ ରନ୍, ଆୟୁଷ୍ମାନ ଥନାପତିଙ୍କ ୬୧ ବଲ୍‌ରେ ୮୫ ରନ୍ ଓ ଦେବାଶିଷ ଦାସଙ୍କ ଦ୍ରୁତ ୩୯ ରନ୍ ବଳରେ ବିଶାଳ ୩୧୭ ରନ୍ କରିଥିଲା। ପ୍ରଜ୍ଞା ଭାରତୀ ଦଳର ବୋଲର ଶ୍ରୀତମ ପ୍ରଧାନ ୩ଟି, ଅଜିତ ୨ଟି ଓ ପ୍ରେମାନନ୍ଦ ମହାକୁର ୨ଟି ଉଇକେଟ୍ ନେଇଥିଲେ। ୩୧୮ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ପ୍ରଜ୍ଞା ଭାରତୀ ଦଳ ୧୭.୫ ଓଭରରେ ୮୭ ରନ୍ କରି ଅଲ୍ ଆଉଟ ହୋଇ ଯାଇଥିଲେ। ଦଳ ପକ୍ଷରୁ ସ୍ୱାଗତ କର୍ମୀ ସର୍ବାଧିକ ୨୧ ରନ୍ କରିବାକୁ ସମର୍ଥ ହୋଇଥିଲେ। ଆଦର୍ଶ ବିଦ୍ୟାଳୟର ବୋଲର ସତ୍ୟମ ସୁନା ୫ ଉଇକେଟ୍ ଏବଂ ସ୍ମୃତି ରଞ୍ଜନ ଛତ୍ରିଆ ୩ଟି ଉଇକେଟ୍ ନେଇଥିଲେ। ରାଜେନ୍ଦ୍ର ମିଶ୍ର, ରାମଶଙ୍କର ସାହୁ ଓ ବାଙ୍କା ମହଲା ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀବନ୍ତ ନାଏକ ଏବଂ ଜିତେନ୍ଦ୍ରୀୟ ଥନାପତି ଖେଳ ପରିଚାଳନା କରିଥିଲେ। ଦିନେଶ ଘିବେଲା ଏବଂ ବିଶ୍ୱନାଥ ନାଏକ ମ୍ୟାଚ ସ୍କୋରର ଥିଲେ।

